## ସଂକ୍ଷେପରେ

### ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ଜୁନାଗଡ଼ରେ ସ୍ୱାଗତ

ଜୁନାଗଡ଼,୧୮।୫(ଡି.ଏନ.ଏ.): ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଗୁରୁବାରଠାରୁ ଗଡ଼ିଛି। ଭର୍ଚୁଆଲ ମୋଡ୍‌ରେ ସବୁଜ ପତାକା ହଲାଇ ଏହି ହାଇସ୍ପିଡ୍ ଟ୍ରେନ୍ ଶୁଭାରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ କଳାହାଣ୍ଡି ଜିଲା ଜୁନାଗଡ଼ ରେଳ ଷ୍ଟେଶନରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦେ ଭାରତ ଏକ୍ସପ୍ରେସ ସ୍ୱାଗତ କରାଯାଇଥିଲା। ଏହି ସମୟରେ ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କ ଷ୍ଟେଶନ ମାଷ୍ଟର ଓ ଜୁନାଗଡ଼ ସହରବାସୀ ଉପସ୍ଥିତ ରହିଥିଲେ।

### ଉପେନ୍ଦ୍ର ପ୍ରଭାକର ମାଧ୍ୟମିକ ବିଦ୍ୟାଳୟର ଇତିହାସ ଅଧ୍ୟାପକଙ୍କ ଅବସର ଗ୍ରହଣ

ଖଡ଼ିଆଲ,୧୮।୫(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ତୁକୁଲା ଉପେନ୍ଦ୍ର ପ୍ରଭାକର ମାଧମିକ ବିଦ୍ୟାଳୟର ଇତିହାସ ଅଧାପକ ନେହେରୁ ମେହେର ଅବସର ନେଇଛନ୍ତି। ୧୯୮୯ରେ ଏହି ବିଦ୍ୟାଳୟ (ଯୁକ୍ତ ୨ କଲେଜ) ଆରମ୍ଭ ହୋଇଥିଲା। ସେହିଦିନଠାରୁ ସେ ଏହି କଲେଜରେ ଅଧାପକ ଭାବେ କାର୍ଯ୍ୟ କରିଆସୁଥିଲେ। କକେଜ ପୁରାତନ ଛାତ୍ରମାନଙ୍କଠାରୁ ଏକ ବିଦାୟ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ଚିତ୍ତ ରଞ୍ଜନ ଦୁବେ କାର୍ଯ୍ୟକ୍ରମରେ ସ୍ୱାଗତ ସମ୍ଭାଷଣ କରିଥିବା ବେଳେ ଅଧକ୍ଷ ବିଘ୍ନରାଜ ଦାଶଙ୍କ ଅଧକ୍ଷତାରେ ଡ଼ଃ ଶରତ ଚନ୍ଦ୍ର ଚଲାନ, ଅଧାପକ ଜୟପ୍ରକାଶ ଅଗ୍ରୱାଲ ଯୋଗଦେଇ ମେହେରଙ୍କ ଅଧାପନା ଜୀବନ ଉପରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ରମାନେ ତାଙ୍କର ସରଳତା, ଛାତ୍ର ବତ୍ସଳତା ଓ ଶିକ୍ଷାଦାନର ଶୈଳିକୁ ମନେ ପକାଇ ତାଙ୍କର ଆଦର୍ଶ ସବୁଦିନ ପାଇଁ ଅନୁକରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଅଧାପକ ମେହେର କଲେଜରେ ବିତାଇ ଥିବା ନିଜର ସ୍ମୃତିଚାରଣ ସହ ଛାତ୍ରୀଛାତ୍ର ଓ ସହକର୍ମୀଙ୍କଠାରୁ ପାଇଥିବା ସମ୍ମାନ ଓ ସ୍ନେହ ସବୁ ଅପାଶୋରା ହୋଇ ରହିବ ବୋଲି କହିଥିଲେ।

### ଏଟିଏମ୍ ବଦଳାଇ ଟଙ୍କା ଲୁଟ, ଯୁବକ ଫେରାର

ଖଡ଼ିଆଲ,୧୮।୫(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ୱାର୍ଡ ନମ୍ବର ୧୧ ପୁଟୁପଡା ଗ୍ରାମର ଭାରତୀ ନାଇଡୁଙ୍କ ଏଟି ଏମ ବଦଳାଇ ବ୍ୟାଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା ଉଠାଇ ଯୁବକ ଫେରାର ହୋଇଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ନାଇଡୁ ଖଡ଼ିଆଳ ଆଜାଦ ଚୌକ ବ୍ରାଞ୍ଚ ପାଖରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପାଖରେ ଥିବା ଏଟିଏମରୁ ଟଙ୍କା ଉଠାଇବା ପାଇଁ ଆସିଥିବା ବେଳେ ଜଣେ ଅଜଣା ଯୁବକ ଏଟିଏମରୁ ଟଙ୍କା ଉଠାଇବାରେ ସାହାଯ୍ୟ କରିବା ନେଇ ଗୁପ୍ତ ନମ୍ବର ମାଗି ନେଇଥିଲେ। ନାଇଡୁଙ୍କ ଏଟିଏମକୁ ନେଇ ଅନ୍ୟ ଏକ ଏଟିଏମ ଦେଇଥିଲେ। ତୁମ ଏଟିଏମରେ ଟଙ୍କା ବାହାରୁ ନାହିଁ କହି ଏଟିଏମ ନେଇ ଯାଇଥିଲେ। ଏହାର କିଛି ସମୟ ପରେ ଜାଣିବାକୁ ପାଇଲେ ଯେ ତାଙ୍କ ଏକାଉଣ୍ଟରୁ ୪୦ ହଜାର ଟଙ୍କା ଉଠି ଯାଇଛି। ପରେ ଦେଖିଲେ ଯେଉଁ ଏଟିଏମ ତାଙ୍କ ପାଖରେ ଅଛି ସେହି ଏଟିଏମ ତାଙ୍କର ନୁହେଁ। ପରେ ଖଡ଼ିଆଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ୧୬୮/୨୩ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ପ୍ରକାଶ କରିଛନ୍ତି।

### ସାବିତ୍ରୀ ବ୍ରତ ପାଇଁ ବଜାରରେ ଆକାଶଛୁଆଁ ଦର

ଖଡ଼ିଆଲ,୧୮।୫(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଲ ଅଞ୍ଚଳରେ ସାବିତ୍ରୀ ବ୍ରତ ପାଇଁ ବଜାର ଭିଡ ହେବା ସହ ଦର ଆକାଶ ଛୁଆଁ ହୋଇଛି। ଶୁକ୍ରବାର ସାବିତ୍ରୀ ଅମାବାସ୍ୟା ପଡୁଥିବାରୁ ସ୍ୱାମୀଙ୍କ ମଙ୍ଗଳକାମନା ପାଇଁ ସ୍ତ୍ରୀମାନେ ଏହି ବ୍ରତ ପାଳନ କରୁଛନ୍ତି। ବ୍ରତ ପାଇଁ ଆବଶ୍ୟକ ଦ୍ରବ୍ୟ ସବୁ ଦୁଇ ଗୁଣାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ସେଓ କିଲୋ ୨୫୦, ତରଭୁଜ କିଲୋଗ୍ରାମ ୩୦, କଦଳୀ ଡ଼ର୍ଜନ ୮୦ ଟଙ୍କା, ଅଙ୍ଗୁର ଦେଢ଼ ଶହ ଟଙ୍କା, ସନ୍ତରା ଗୋଟିଏକୁ କୋଡିଏ, ସୁଖା ଫଳଗୁଡିକୁ ପ୍ଲାଷ୍ଟିକ ପେକେଟ କରି ୩୦ରୁ ୫୦ ଟଙ୍କା ଏପରି ବିଭିନ୍ନ ପ୍ରକାର ଫୁଲ ଚଢ଼ା ଦରରେ ବିକ୍ରି କରିଥିଲେ ବ୍ୟବସାୟୀମାନେ। ସେହିପରି ବ୍ରତ ଡୋର, ଦର୍ପଣ, କଜ୍ଜଳ, ଚୁଡି, ଅଳତା ଆଦି ମଧ ଅଧିକ ଦରରେ ବିକ୍ରି ହେଉଥିବା ବେଳେ ବାଧ ହୋଇ ଲୋକେ କିଣୁଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ଦେଇ ଟ୍ରାଫିକ ସମସ୍ୟା ସୁଧାର କରିବା ସହିତ ଚୋରି ଓ ବିଶୃଙ୍ଖଳା କଡା ନଜର ଦେଇଥିଲେ।

# ଦୂରହେବ ଦୀର୍ଘ ଦଶନ୍ଧିର ଦୁଃଖ

ଭବାନୀପାଟଣା,୧୮।୫(ସ୍ୱ.ପ୍ର.)

- ଉପକୃତ ହେବେ ୧୦ଖଣ୍ଡ ଗାଁ ଲୋକ
- ୨ବର୍ଷ ମଧରେ ନଦୀରେ ବୁଡି ୫ଜଣଙ୍କ ଜୀବନ ଯାଇଛି
- ଇନ୍ଦ୍ରାବତୀ ନଦୀରେ ନିର୍ମାଣ ହେବ ବିଜୁ ସେତୁ

ଗ୍ରାମାଞ୍ଚଳକୁ ସହରାଞ୍ଚଳ ସହ ସଂଯୋଗ କରିବାକୁ ସରକାର ରାସ୍ତା ଓ ପୋଲ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଉପାନ୍ତ ଇଲାକାର ଲୋକଙ୍କ ପାଇଁ ପ୍ରହସନ ପାଲଟିଛି ଯୋଜନା। ନଦୀରେ ପୋଲଟିଏ ନ ଥିବା ଯୋଗୁ ଭାରରେ ବୁହା ହେଉଛନ୍ତି ରୋଗୀ। ସ୍ୱଳ୍ପ ବର୍ଷାରେ ଜଳବନ୍ଦୀ ଜୀବନ କାଟୁଥିବା କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳର ୧୦ଖଣ୍ଡ ଗାଁ ଲୋକଙ୍କ ଦୀର୍ଘ ଦଶନ୍ଧିର ଦାବି ଏବେ ପୂରଣ ହେବାକୁ ଯାଉଛି। ଇନ୍ଦ୍ରାବତୀ ନଦୀରେ ନିର୍ମାଣ ହେବାକୁ ଯାଉଛି ବିଜୁ ସେତୁ। ଏଥିପାଇଁ ୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ ଯେ, ଜିଲାର ଆଦିବାସୀ ଅଧୁଷିତ ଥୁଆମୂଳ ରାମପୁର ବ୍ଲକଠାରୁ ମାତ୍ର ୭ କି.ମି. ଦୂରରେ ରହିଛି ଇନ୍ଦ୍ରାବତୀ ନଦୀ। ନଦୀ ଆରପଟେ ରହିଛି ୧୦ଖଣ୍ଡ ଗାଁ। ସାମାନ୍ୟ ବର୍ଷା


ଇନ୍ଦ୍ରାବତୀ ନଦୀ।

ହେଲେ ଜଳବନ୍ଦୀ ଜୀବନ ବିତାଉଥିବା ଏହି ଅଞ୍ଚଳବାସୀଙ୍କ ଦୁଃଖ ଏବେ ଦୂର ହେବାକୁ ଯାଉଛି। ଏହି ନଦୀ ପାର୍ ହୋଇ ଲାଞ୍ଜିଗଡ଼, ତଳଖାପି ନିକେଶ ଯୋର ଭଳି ୧୦ଖଣ୍ଡ ଗାଁର ଲୋକେ ଯିବାଆସିବା କରିଥାନ୍ତି। ଏହି ଅଞ୍ଚଳରେ ଗମନାଗମନ ପାଇଁ ଭଲ ରାସ୍ତା ନ ଥିବାବେଳେ କାଳ ସାଜିଛି ଇନ୍ଦ୍ରାବତୀ। ଗତ ୨ବର୍ଷ ମଧରେ ନଦୀରେ ବୁଡି ୫ଜଣଙ୍କ ଜୀବନ ଯାଇଛି। ବିଶେଷ କରି ବର୍ଷା ଦିନ ଆସିଲେ ଲୋକଙ୍କ ସମସ୍ୟା ଦୁଇଗୁଣ ବଢିଯାଏ। ଜଳବନ୍ଦୀ ଜୀବନ ଯାପନ କରନ୍ତି ଅଞ୍ଚଳବାସୀ। ନଦୀରେ ପୋଲ ନ ଥିବା ଯୋଗୁ ରୋଗୀ ଠିକ ସମୟରେ ମେଡ଼ିକାଲରେ ପହଞ୍ଚି ପାରନ୍ତି ନାହିଁ। ଛାତ୍ରୀଛାତ୍ର ମଧ ସ୍କୁଲ ଯିବାରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଦୀର୍ଘ ବର୍ଷ ଧରି ଅଞ୍ଚଳବାସୀ ଇନ୍ଦ୍ରାବତୀ ନଦୀରେ ପୋଲ ନିର୍ମାଣ ପାଇଁ ଦାବି କରି ଆସୁଥିବା ବେଳେ ଏବେ ସେମାନଙ୍କ ତାହା ପୂରଣ ହେବାକୁ ଯାଉଛି। ଇନ୍ଦ୍ରାବତୀ ନଦୀରେ ନିର୍ମାଣ ହେବାକୁ ଯାଉଛି ବିଜୁ ସେତୁ। ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ। ପ୍ରାୟ ୫ କୋଟି ବ୍ୟୟ ଅଟକଳରେ ଗୋଟିଏ ବର୍ଷ ମଧ୍ୟରେ ଏହା ନିର୍ମାଣ ହେବ। ସେତୁ ହେବା ପରେ ଗାଁକୁ ଆମ୍ବୁଲାନ୍ସ ଯିବା ସହ ଆଉ ଜଳବନ୍ଦୀ ଜୀବନ ବିତାଇବେ ନାହିଁ ୧୦ଖଣ୍ଡ ଗାଁର ଲୋକେ।

# କଳାହାଣ୍ଡି ଜିଲା: ପାସ୍ ହାର ୯୬.୫୦ %

ଭବାନୀପାଟଣା,୧୮।୫(ସ୍ୱ.ପ୍ର.)

**ମାଟ୍ରିକ ପରୀକ୍ଷା ଫଳ**

- ପ୍ରିୟଦର୍ଶିନୀ ନାଏକ କଳାହାଣ୍ଡି ଟପ୍ପର
- ଫେଲ ହେଲେ ୨୧୧ ଜଣ

ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲେମେଣ୍ଟିଭ-୨ ପରୀକ୍ଷା ଫଳ ଗୁରୁବାର ପୂର୍ବାହ୍ନରେ ପ୍ରକାଶ ପାଇଛି। ଏପରିସ୍ଥଳେ କଳାହାଣ୍ଡି ଜିଲାରେ ୯୬.୫୦ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଜିଲାରେ ୨୦ହଜାର ୪୪୯ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ଏଥିରେ ଛାତ୍ର ୧୦ହଜାର ୨୧୧ ଓ ଛାତ୍ରୀ ୧୦ହଜାର ୨୩୮ ରହିଛନ୍ତି। ଜିଲାର ପାସ ହାରକୁ ଦେଖିଲେ ଛାତ୍ରଙ୍କୁ ଛାତ୍ରୀ ପଛରେ ପକାଇଛନ୍ତି। ଜିଲାରେ ଚଳିତବର୍ଷ ଗ୍ରେଡ ଏ୧-୮୩,ଏ୨-୧୦୩୦, ବି୧-୪୫୨୧, ବି୨-୬୮୬୪, ସି-୫୧୫୯, ଡି-୨୦୮୪ ଓ ଇ ଗ୍ରେଡରେ-୭୦୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୨୧୧ଜଣ ଫେଲ ହୋଇଥିବାବେଳେ ୧୮ଜଣ ମାଲପ୍ରାକ୍ଟିସ ହୋଇଥିଲେ। ମାଟ୍ରିକ ପରୀକ୍ଷାରେ ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁର ପଞ୍ଚାୟତ ହାଇସ୍କୁଲର ଛାତ୍ରୀ ପ୍ରିୟଦର୍ଶିନୀ ନାଏକ ସର୍ବାଧିକ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେ ମୋଟ ୫୭୫ (୯୫.୮୩%) ନଂ. ରଖି ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।


ପ୍ରିୟଦର୍ଶିନୀ ନାଏକ।

ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସେ ଲୋକଙ୍କ ସେବା କରିବେ ବୋଲି କହିଛନ୍ତି। ପ୍ରିୟଦର୍ଶିନୀ ଧର୍ମଗଡ ଅଞ୍ଚଳର ହୋଇଥିବାବେଳେ ଜିତେନ୍ଦ୍ର ନାଏକ ଓ ସୌଦାମିନୀ ନାଏକଙ୍କ ସେ ଝିଅ ଅଟନ୍ତି। ଏହି ସଫଳତା ପାଇଁ ସ୍ଥାନୀୟ ସ୍କୁଲ କର୍ତ୍ତୃପକ୍ଷ, ପରିବାରବର୍ଗଙ୍କ ସମେତ ଜିଲାର ବିଭିନ୍ନ ବର୍ଗର ଲୋକେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବ୍ଲକସ୍ତରୀୟ ମାଛ ଚାଷ ସମ୍ପର୍କିତ ସଚେତନତା ଶିବିର

କେସିଙ୍ଗା,୧୮।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ମତ୍ସ୍ୟ ଅଧିକାରୀଙ୍କ ନେତୃତ୍ୱରେ କେସିଙ୍ଗା ବ୍ଲକ ସମ୍ମିଳନୀ ଗୃହରେ ବ୍ଲକସ୍ତରୀୟ ମାଛ ଚାଷ ସମ୍ପର୍କିତ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଡେପୁଟି ଡାଇରେକ୍ଟର ଅଫ ଫେସେରିସ କଳାହାଣ୍ଡି ଜୋନେର ସୁରେନ୍ଦ୍ର କୁମାର ପାତ୍ର ଯୋଗଦେଇ ମାଛ ଚାଷ ଉତ୍ପାଦନରେ ଆତ୍ମ ନିର୍ଭରଶୀଳ ହେବା ସହିତ ଏହି ଅଞ୍ଚଳରେ ମାଛ ଚାଷ ଚାହିଦା ମେଣ୍ଟାଇବା ପାଇଁ ଚାଷୀମାନଙ୍କୁ ସଚେତନ କରିଥିଲେ। ଏଥିସହ ଚାଷୀମାନେ ରାଜ୍ୟ ଯୋଜନାରେ ନୂତନ ପୋଖରୀ ଖନନ ଓ ମଧୁର ମାଛ ଚାଷ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆବର୍ତ୍ତୀ ପୁଞ୍ଜି ସହାୟତା, ମାଛ ଚାଷୀଙ୍କ ପୁଅ ଝିଅମାନଙ୍କୁ ମେଧାବୃତ୍ତି ଓ ପ୍ଲସ ଟୁରେ ନାମ ଲେଖିବା, ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ମାଛ ଚାଷ କରିବା, ଜୈବପୁଞ୍ଜି ମାଧମରେ



ଶିବିରରେ ଯୋଗଦେଇଥିବା ଅତିଥିମାନେ।

ମାଛ ଚାଷୀଙ୍କୁ ୪୦-୬୦ ପ୍ରତିଶତ ଅର୍ଥ ସହାୟତା, ମାଛଧରା ଜାଲ, ଉନ୍ନତ ମାଛ ଯାଆଁଳା ଉତ୍ପାଦନକାରୀଙ୍କୁ ଏକ ଲକ୍ଷ ସାହାଯ୍ୟ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ସେହିପରି ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ଯାଆଁଳା ଉତ୍ପାଦନରେ ହେକ୍ଟର ପିଛା ୭ଲକ୍ଷ, ମାଛ ପରିବହନ ପାଇଁ ଜାନ, ଅଟୋରିକ୍ସା, ବରଫ ବକ୍ସ, ମୋଟରସାଇକେଲ, ମଧୁର ଜଳ ଯାଆଁଳା ହାଚେରୀ ପାଇଁ ୨୫ଲକ୍ଷ, ସହ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଚାଷୀଙ୍କୁ ରହିଛି ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। ଏହିସବୁ ସରକାରୀ ଯୋଜନାଗୁଡିକୁ ଚାଷୀମାନେ ମାଛ ଚାଷ ଉତ୍ପାଦନ କରି ଆତ୍ମ ନିର୍ଭରଶୀଳ ହେବା ସହିତ ନିଜ ଅଞ୍ଚଳରେ ମାଛ ଚାଷର ଚାହିଦା ବୃଦ୍ଧି କରି ରୋଜଗାର କ୍ଷମହେଇ ପାରିବେ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଶିବିରରେ । ବ୍ଲକ ୫୦ଜଣ ମାଛ ଚାଷୀମାନେ ଯୋଗଦେଇ ନିଜସ୍ୱ ରଖିଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲା ସରପଞ୍ଚ ସଙ୍ଘ ସଭାପତି ସୁବୋଧ ରଣା, କୋଷାଧକ୍ଷ ପ୍ରମୋଦ ଦାସଙ୍କ ସମେତ ସରପଞ୍ଚ, ମହିଳା ଗ୍ରୁପ ଯୋଗଦେଇଥିଲେ। ଶିବିର ଏଫଓ ବଦ୍ରିନାଥ ନନ୍ଦ ପରିଚାଳନା କରିଥିଲେ।

# ଅଭିଯୁକ୍ତ ସ୍ୱାମୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ

**ଯୌତୁକ ନିର୍ଯାତନା ସହି ନ ପାରି ସ୍ତ୍ରୀ ଆତ୍ମହତ୍ୟା ମାମଲା**

ଭବାନୀପାଟଣା,୧୮।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଏଁଲାଭଟା ଗ୍ରାମରେ ୨୦୧୩ରେ ଯୌତୁକ ନିର୍ଯାତନା ସହି ନ ପାରି ଜୈନିକ ସ୍ତ୍ରୀ ବିଷଫଳ ଖାଇ ଆତ୍ମହତ୍ୟା କରିବା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଧର୍ମଗଡ ଅତିରିକ୍ତ ଜିଲା ଦୋରାଜଜ୍ ବନ୍ଦନା କର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ସ୍ୱାମୀ ଜଳନ୍ଧର କରକରାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଫା ୩୦୪ (ଖ)ରେ ୧୦ବର୍ଷ, ଧାରା (୪୯୮) (କ)ରେ ୩ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ସେହିପରି ଧାରା (୪) ଯୌତୁକ ନିରୋଧ ଆଇନରେ ୨ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଆହୁରି ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଜୟପାଟଣା ଥାନା ଅଏଁଲାଭଟା ଗ୍ରାମରେ ୨୦୧୩ରେ ଯୌତୁକ ନିର୍ଯାତନା ସହି ନ ପାରି ଜୈନିକ ସ୍ତ୍ରୀ ବିଷ ଫଳ ଖାଇ ଆତ୍ମହତ୍ୟା କରିଥିଲେ। ଏ ନେଇ ଜୟପାଟଣା ଥାନାରେ ଏକ ମାମଲା (ନଂ.୨୫୧/୧୩) ରୁଜୁ ହୋଇଥିଲା। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସ୍ୱାମୀ ଜଳନ୍ଧରଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରିଥିଲେ।

# ବ୍ଲକ୍ ଟପ୍ପର୍ ହେଲେ ଦୀପାଳୀ ସାହୁ

କର୍ଲାମୁଣ୍ଡା,୧୮।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କାର୍ଲମୁଣ୍ଡା ବ୍ଲକରେ ପ୍ରକାଶିତ ମାଟ୍ରିକ ପରୀକ୍ଷାରେ ଗଜବାହାଲ ହାଇସ୍କୁଲ ଛାତ୍ରୀ ଦିପାଳି ସାହୁ ସର୍ବୋଚ୍ଚ ୫୩୧ ମାର୍କ ରଖି ବ୍ଲକ ଟପର୍ ହୋଇଥିବା ଜଣାପଡିଛି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଛାର ସୁଅ ଛୁଟିଛି। ବ୍ଲକ୍‌ରେ ମୋଟ୍ ୭୯୭ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୭୮୮ଜଣ ପରୀକ୍ଷାରେ ସଫଳ ହୋଇଛନ୍ତି। ଏ୨ରେ ୩୬ଜଣ, ବି ୧ରେ ୨୦୮ ଜଣ, ବି ରେ ୩୧୩ ଜଣ, ସିରେ ୧୬୨ ଓ ଡିରେ ୫୩ଜଣ ରହିଥିବା ସୂଚନା ମିଳିଛି।


ଦୀପାଳି ସାହୁ।

# ନୂଆପଡ଼ା ଜିଲା: ପାସ୍ ହାର ୯୫.୬୭ %

ନୂଆପଡ଼ା ଅଫିସ,୧୮।୫

**ଜୟଶ୍ରୀ ପ୍ରଥମ, ରୋଷନ ଦ୍ୱିତୀୟ**

ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲେମେଣ୍ଟିଭ-୨ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ଭଲ ରହିଛି। ଗତ ବର୍ଷ ଜିଲାରେ ୮୮.୮୩ % ରହିଥିବା ବେଳେ ଚଳିତବର୍ଷ ୯୫.୬୭ % ରହିଛି। ସୂଚନା ମୁତାବକ ଜିଲାରେ ମୋଟ ୧୦ ହଜାର ୧୨୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯ ହଜାର ୬୮୭ଜଣ ପାସ ହୋଇଛନ୍ତ। ସେଥି ମଧ୍ୟରୁ ଏ୧ ରେ ୫ ଜଣ,ଏ୨ ରେ ୨୮୨ ଜଣ, ବି୧ରେ ୧ ହଜାର ୫୮୧ଜଣ, ବି୨ରେ ୩ ହଜାର ୩୧୬ ଜଣ, ସିରେ୨ ହଜାର ୮୮୭ ଜଣ, ଡିରେ ୧ ହଜାର ୨୧୫ ଜଣ, ଇରେ ୪୦୧ଜଣ ଓ ଏଫରେ ୨୧୫ ଜଣ ପାସ୍ ହୋଇଥିବା ଜିଲା ଶିକ୍ଷା ଅଧିକାରୀ ଫୁଲମଣୀ ମୁର୍ମୁ ସୂଚନା ଦେଇଛନ୍ତି। ବୋଡେନ ବ୍ଲକ ମହୁଲପଡା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଜୟଶ୍ରୀ ହଂସ ମୋଟ ୬ଶହରୁ ୫୪୮ (୯୧.୩୩ %) ରଖି ଜିଲାରେ ପ୍ରଥମ ହୋଇଥିବା ବେଳେ କୋମନା ବ୍ଲକ ସିଆଲଲଟି ଉଚ୍ଚ ବିଦ୍ୟାଳୟ ସିଆଲଲଟିର ଛାତ୍ର ରୋଷନ ସାହୁ ୬ ଶହ ମାର୍କରୁ ୫୪୪ (୯୦.୬୬%) ମାର୍କ ରଖି ଦ୍ୱିତୀୟ ହୋଇଛନ୍ତି। ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଫଳ ଭଲ ହୋଇଥିବାରୁ ଶିକ୍ଷକ, ଅଭିଭାବକମାନଙ୍କୁ ଜିଲା ଶିକ୍ଷା ଅଧିକାରୀ ମୁର୍ମୁ ଶୁଭେଚ୍ଛା ଜଣାଇଛନ୍ତି ।


ଜୟଶ୍ରୀ ହଂସ


ରୋଷନ ସାହୁ

# ପୁସ୍ତକ 'ମାର ସମ୍ଭବ' ଲୋକାର୍ପିତ

ଖଡ଼ିଆଲ,୧୮।୫(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଲସ୍ଥିତ ପୁଟୁପଡାଠାରେ କବି ସନାତନ ମହାନ୍ତିଙ୍କ ଲିଖିତ କାବ୍ୟ 'ମାର ସମ୍ଭବ' ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ ବିଶିଷ୍ଟ କବି ପଟ୍ଟାୟତ ନୀଳ ଲୋହିତ ସିଂହଦେବ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ବଳଭଦ୍ର ମହାଉତି, ବିଶିଷ୍ଟ ଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ସମ୍ମାନିତ ଅତିଥି ଭାବେ ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଫଣିନ୍ଦ୍ରମ ଦେଓ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡକ୍ଟର ସୁଶାନ୍ତ କୁମାର ବିଶି ଏବଂ ପୁସ୍ତକ


ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

ସମୀକ୍ଷକ ଭାବେ ଗାୟକ ଶିରୋମଣି ଅର୍ଜୁନ ଛତ୍ରିଆ ଯୋଗଦେଇଥିଲେ। କବି ଗୌରାଙ୍ଗ କୁମାର ସାହୁ ସ୍ୱାଗତ ସମ୍ଭାଷଣ ଓ ମଞ୍ଚ ପରିଚାଳନା କରିଥିବା ବେଳେ କବି ଉପେନ୍ଦ୍ର କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗୁରୁ ଚତୁର୍ଭୁଜ ମିଶ୍ରଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପୁସ୍ତକ ଲୋକାର୍ପଣ ସମୟରେ କବିଙ୍କ ପତ୍ନୀ କୁମୁଦିନୀ ମହାଉତି ମଞ୍ଚରେ ଉପସ୍ଥିତ ଥିଲେ। ସମାରୋହରେ ଶତାଧିକ କବି, ଲେଖକ, ସାହିତ୍ୟ ପ୍ରେମୀ ତଥା ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ୩୧ ଲିଟର ବିୟର ଜବତ, ଜଣେ ଗିରଫ

ଗୋଲାମୁଣ୍ଡା,୧୮।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ଼ ଅବକାରୀ ବିଭାଗ ଚଢ଼ାଉ କରି ୩୧ ଲିଟର ବିୟର ମଦ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରିଛି। ସେ ହେଲେ ନୂଆପଡ଼ା ଜିଲା ସିନାପାଲି ଥାନା ଅଧୀନ ଯୋଗିବାହାଲ ଗ୍ରାମର ମହାଦେବ ମେହେର (୩୯)। ସୂଚନା ମତେ ଧର୍ମଗଡ ଅବକାରୀ ଥାନା ଅଧିକାରୀ ଅଜୟ କୁମାର ନାୟକଙ୍କ ନେତୃତ୍ୱରେ କେଗାଁ ଥାନା ଚପ୍ରିଆ ଡୁରେଛଡା ରାସ୍ତାରେ ବିୟର ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରାଯାଇଥିଲା। ମହାଦେବଙ୍କଠାରୁ ୩୧ ଲିଟର ବିଦେଶୀ ବିୟର ମଦ ଜବତ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଗିରଫ ପରେ ମାଜିଷ୍ଟ୍ରେଟ ତାଙ୍କ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ାଉରେ ଧର୍ମଗଡ ଅବକାରୀ ଏଏସଆଇ ଛବିରାଜ୍ ତାଣ୍ଡି, କନଷ୍ଟେବଳ ଅରୁଣାକ୍ଷ ଧଙ୍ଗଡା ମାଝି ଓ ରବି ନାଗ ସାମିଲ ହୋଇଥିଲେ।



# ନିଜ ଖର୍ଚ୍ଚରେ ରାସ୍ତା ମରାମତି କଲେ ଯୁବ ସଙ୍ଗଠକ

କେସିଙ୍ଗା,୧୮।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହ ବଲାଙ୍ଗୀର ଜିଲା ଟିଟଲାଗଡ ସହରକୁ ସଂଯୋଗ କରୁଥିବା ରାସ୍ତାର କେସିଙ୍ଗା ସହରଠାରୁ ପ୍ରାୟ ୫୦୦ ମିଟର ଦୂର ଏକ କଲଭର୍ଟ ଉପରେ ଗତ ଏକ ବର୍ଷ ହେଲା ସିମେଣ୍ଟ ଫାଟି ଲୁହା ରଡ଼ ଦେଖା ଯାଇ ପ୍ରାୟ ଏକ ଫୁଟ ଗଭୀର ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଲୋକମାନେ ବାଇକ୍ ସାଇକେଲ କିମ୍ବାଚାରି ଚାକିଆ ଗାଡ଼ିରେ ଯିବାଆସିବା ବେଳେ ରାତ୍ରିରେ ହେଉକି ଦିନ ପଡି ଯାଉଛନ୍ତି। ଏହି ଗର୍ତ୍ତ ମରାମତି ପାଇଁ ଟିଟିଲାଗଡ଼ ଆରଡ଼ି ବିଭାଗକୁ ବହୁ ବାର କୁହାଯାଇଛି। କିନ୍ତୁ ଆଜି ଯାଏ କୌଣସି ମରାମତି କରାଯାଇ ନ ଥିଲା। ଜିଲା ସୀମା ବିବାଦରେ ଅଟକି ରହି ଯାଇଛି। କଳାହାଣ୍ଡି ଆର୍‌ଡି ବିଭାଗ କହୁଛି ତାହା ବଲାଙ୍ଗୀର ଜିଲା ଆର୍‌ଡି ବିଭାଗ କାମ। ଫଳରେ ଦିନକୁ ଦିନ କଲ୍‌ଭର୍ଟରେ ଏକ ଗର୍ତ୍ତ ସୃଷ୍ଟି ହୋଇ ଲୁହା ଛଡ଼ ଉପର ମୂହା ହୋଇ ଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ହେଉଛି। ବିଭାଗୀୟ ଅବହେଳା ଓ ଦୈନନ୍ଦିନ ଦୁର୍ଘଟଣା ଦେଖି କେସିଙ୍ଗା ଯୁବ ସଙ୍ଗଠକ ସୁରେଶ ରାଓ ନିଜ ଖର୍ଚ୍ଚ ରେ ସିମେଣ୍ଟ, ବାଲି, ଚିପସ କିଣି ମିସ୍ତ୍ରୀ, ଶ୍ରମିକ ନେଇ ନେଇ ରାସ୍ତା ମରାମତି କରାଇଥିଲେ। ଏ ସଂକ୍ରାନ୍ତରେ ଟିଟିଲାଗଡ଼ ଆରଡ଼ି ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ବର୍ତ୍ତମାନ ପିଡବ୍ଲୁଡ଼ିକୁ କେସିଙ୍ଗା ଜାତୀୟ ରାଜପଥ ୨୬ଠାରୁ ଟିଟିଲାଗଡର ଦେଶୀଳ ଗ୍ରାମ ୭ କିମି ଯାଏ ହସ୍ତାନ୍ତର କରାଯାଇଛି ଏବଂ ଟେଣ୍ଡର ମଧ ହୋଇଛ। ଅଳ୍ପ ଦିନରେ କାମ ଆରମ୍ଭ ହେବ ବୋଲି କହିଥିଲେ। ଏ ନେଇ ଯୁବ ସଙ୍ଗଠକ ସୁରେଶ ରାଓଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀମାନେ ଏସି କୋଠରିରେ ବସି ନିଜ ଦାୟିତ୍ୱ ଭୁଲି ଯାଉଛନ୍ତି। ଅସୁବିଧା ଭୋଗୁଛନ୍ତି ନିରୀହ ଜନସାଧାରଣ। ଏମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ହେଉଥିବାରୁ ଦୁର୍ଘଟଣା ରୋକିବା ପାଇଁ ଏହା ମୋର ଏକ ଛୋଟ ପ୍ରୟାସ ବୋଲି ସେ କହିଛନ୍ତି। ଏହି କାମକୁ ସମସ୍ତ ଜନସାଧାରଣ ଯୁବ ସଙ୍ଗଠକକୁ ପ୍ରଶଂସା କରିଛନ୍ତି।


ଯୁବ ସଙ୍ଗଠକ କଲଭର୍ଟ ମରାମତି କରୁଛନ୍ତି।

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ୨ ଗିରଫ

**ପଦ୍ମପୁର,୧୮।୫(ଡି.ଏନ.ଏ.):** ବରଗଡ଼ ଜିଲା ଅବକାରୀ ବିଭାଗ ଗାଇସିଲେଟ ଥାନା ଅଧୀନସ୍ଥ ମଲମୁଣ୍ଡା ଓ ମେଲଛାମୁଣ୍ଡା ଥାନା ଅଧୀନ ଘନାମାଲ ଗ୍ରାମରେ ଚଢ଼ାଉ କରି ବହୁ ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ମଲମୁଣ୍ଡା ଗ୍ରାମର ପ୍ରେମିକ ସାହୁ ଓ ଘନାମାଲ ଗ୍ରାମର ବିଶ୍ୱନାଥ ମେହେରଙ୍କୁ ଗିରଫ କରାଯାଇଛି। ଗୁରୁବାର ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାଏକଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ କରାଯାଇଥିଲା।

### ଗଞ୍ଜେଇ ଜବତ, ଜଣେ ଗିରଫ

**ପଦ୍ମପୁର,୧୮।୫(ଡି.ଏନ.ଏ.):** ବାଇକ୍ ଯୋଗେ ଗଞ୍ଜେଇ ଚାଲାଣ ବେଳେ ପଦ୍ମପୁର ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ମନୋହରପୁର ଗ୍ରାମର ଦୁଃଶାସନ କାଲତା। ତାଙ୍କଠାରୁ ୧୨କେଜି ୧୮୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଦୁଃଶାସନ ଏକ ବାଇକ୍ (ନଂ. ଓଆର୩୧/୩୪୩୫) ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୋଲିସ ଜମଲା ଛକରେ ତାଙ୍କୁ କାବୁ କରିଥିଲା। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା (ନଂ.୧୩୬।୨୩) ରୁଜୁ ହୋଇଛି।

### ଦୁଲୁମପୁରରେ ଡାକ ମେଳା

**ସରଣ୍ଡା,୧୮।୫(ଡି.ଏନ.ଏ.):** ଅତାବିରା ବ୍ଲକ ଅଧୀନ ଭାଲୁଡୁଙ୍ଗୁରୀ ଶିବ ମନ୍ଦିରରେ ସମ୍ବଲପୁର ପଶ୍ଚିମ ଡିଭିଜନର ଏକ ଡାକମେଳା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଇନ୍ସପେକ୍ଟର ଶ୍ରାବଣୀ ପ୍ରଧାନ, ଆଇପିପିବି ସିନିୟର ବ୍ରାଞ୍ଚ ମ୍ୟାନେଜର ବିନିତା କୁମାରୀ, ଓଭରସିୟର ଶେଷଦେବ ଭୋଇ ଏବଂ ରାଘବ ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ମେଳାରେ ଗ୍ରାମୀଣ ଡାକ ଜୀବନ ବୀମା, ଡାକଘର ସଞ୍ଚୟ ବ୍ୟାଙ୍କ, ଅଟଳ ପେନସନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା, ବୀମା ଯୋଜନା, ଡାକଘର ଆଧାର କେନ୍ଦ୍ର, ସାଧାରଣ ଭବିଷ୍ୟନିଧି, ସୁକନ୍ୟା ସମୃଦ୍ଧି ଆଦି ଯୋଜନା ଡାକ ଘରେ ଉପଲବ୍ଧ ହେଉଥିବା ଅତିଥିମାନେ କହିଥିଲେ। ସୁପରଭାଇଜର ଶେଷଦେବ ଭୋଇ ସଭା ପରିଚାଳନା କରିଥିଲେ। ଚରଣ ସାହୁ, ସ୍ୱପ୍ନେଶ୍ୱର ସେଟ ସହଯୋଗ କରିଥିଲେ।

### ୨୮ରେ ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ

**ପଦ୍ମପୁର,୧୮।୫ (ଡି.ଏନ.ଏ.):** ପଦ୍ମପୁର ରାଜବୋଡାସମ୍ବର ଉଚ୍ଚବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଗାମୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆସନ୍ତା ୨୮ତାରିଖରେ ପ୍ରଜ୍ଞା ପୁରୁଷ ଡ. ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରାଯିବ। କାର୍ଯ୍ୟକ୍ରମରେ ଡ. ଗୁରୁଙ୍କ ଜୀବନୀ ଓ କୃତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବହୁ କବି, ଲେଖକଙ୍କ ସ୍ୱରଚିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ଅଶୋକ କୁମାର ବହିଦାର କହିଛନ୍ତି।

# ବିଜ୍ଞାନ ପଢ଼ିବାକୁ ମାଟ୍ରିକ୍ ଟପ୍ପର ଆଗ୍ରହୀ

**ପ୍ରେମାନନ୍ଦ ଖମାରୀ**
ବରଗଡ଼ ଅଫିସ୍,୧୮।୫

ଗୁରୁବାର ରାଜ୍ୟରେ ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ବରଗଡ଼ ଜିଲାର ଛାତ୍ରୀଛାତ୍ର ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ରାଜ୍ୟର ପାସ୍ ହାର ୯୬.୪୦ ପ୍ରତିଶତ ରହିଥିବାବେଳେ ବରଗଡ଼ ଜିଲାରେ ୯୭.୨୨ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଏହି ଜିଲା ରାଜ୍ୟର ପଞ୍ଚମ ସ୍ଥାନରେ ରହିଛି । ଜିଲାର ୧୦୫ ଜଣ ଛାତ୍ରୀଛାତ୍ର ଗ୍ରେଡ୍ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଗ୍ରେଡ୍ ଏ-୨ରେ ୮୦୧, ବି-୧ରେ ୨୬୯୯, ବି-୨ରେ ୪୪୧୩, ଗ୍ରେଡ୍-ସିରେ ୪୨୭୫, ଗ୍ରେଡ୍-ଡିରେ ୩୦୭୩, ଗ୍ରେଡ୍-ଇରେ ୧୭୧୮ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି । ଅର୍ଥାତ୍ ଜିଲାର ସମୁଦାୟ ୧୭ହଜାର ୫୭୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭ହଜାର ୮୪ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଜିଲାର ସର୍ବାଧିକ ମାର୍କ ରଖିଥିବା ତାଲିକାରେ ଥିବା ୪ଜଣ ଛାତ୍ରୀଛାତ୍ର ୯୭ ତଥା ୯୭ରୁ ଉର୍ଦ୍ଧ୍ୱ ପ୍ରତିଶତ ମାର୍କ ରଖିଛନ୍ତି। ବରଗଡ଼


ପ୍ରିୟଦର୍ଶିନୀ ବେହେରା


ଲିସା ପ୍ରଧାନ


ପ୍ରୀତିଶ ଚନ୍ଦ୍ର ସାହୁ


ତିଲକ ହୋତା

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରିୟଦର୍ଶନୀ ବେହେରା ୯୭.୬୭ ପ୍ରତିଶତ ମାର୍କ ରଖି ଜିଲା ଟପ୍ପର ହୋଇଥବବା ଜଣାପଡିଛି। ସେହିପରି ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଲିସା ପ୍ରଧାନ, ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତିଲକ ହୋତା, ପ୍ରୀତିଶ ଚନ୍ଦ୍ର ସାହୁ ୯୭ ପ୍ରତିଶତ ଲେଖାଏଁ ମାର୍କ ରଖିଛନ୍ତି।

### ଢେଙ୍କାନାଳ ଝିଅ ବରଗଡ଼ ଜିଲା ଟପ୍ପର

ଢେଙ୍କାନାଳ ଜିଲାର ମୂଳବାସିନ୍ଦା ପ୍ରସନ୍ନ ବେହେରା ଏବଂ ମୋନାଲିସାଙ୍କ ଝିଅ ପ୍ରିୟଦର୍ଶିନୀ ବେହେରା। ପ୍ରସନ୍ନ ବରଗଡ଼ ସହକାରୀ ଅଗ୍ନିଶମ ଅଧିକାରୀ ଭାବେ କାର୍ଯ୍ୟ କରୁଥିବାରୁ ପ୍ରିୟଦର୍ଶିନୀ ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପଢୁଥିଲେ। ସେ ସମୁଦାୟ ୬୦୦ ମାର୍କରୁ ୫୮୬ ମାର୍କ ପାଇଛନ୍ତି । ତେବେ ଇଂରାଜୀ, ଗଣିତ, ବିଜ୍ଞାନ ବିଷୟରେ ଆଉ କିଛି ଅଧିକ ମାର୍କ ମିଳିବ ବୋଲି ସେ ଆଶା କରିଥିଲେ ଏବଂ ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ପ୍ରିୟଦର୍ଶିନୀ କହିଛନ୍ତି।

### ଟପ୍ପର ତାଲିକାରେ ଚାଷୀଙ୍କ ଝିଅ

ବରଗଡ଼ ବ୍ଲକ ହଳଦୀପାଲି ଗ୍ରାମର ଚାଷୀ ମନୋଜ ପ୍ରଧାନ ଏବଂ ବୈଦେହୀଙ୍କ ଝିଅ ଲିସା। ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଲିସା ଦିନକୁ ସେ ୭ରୁ ୮ଘଣ୍ଟା ପାଠପଢ଼ାରେ ବିନିଯୋଗ କରୁଥିଲେ। ସେ ତାଙ୍କ ସଫଳତାର ଶ୍ରେୟ ମା' ବାପା, ସ୍କୁଲର ଗୁରୁମା, ଗୁରୁଜୀଙ୍କୁ ଦେଇଛନ୍ତି। ସେ ଯୁକ୍ତ ୨ ବିଜ୍ଞାନରେ ନାମ ଲେଖାଇବେ ଏବଂ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀସେବା କରିବେ ବୋଲି ଲିସା କହିଛନ୍ତି ।

### ଇଞ୍ଜିନିୟର ହେବା ପ୍ରୀତିଶଙ୍କ ଲକ୍ଷ୍ୟ

ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରୀତିଶ ଚନ୍ଦ୍ର ସାହୁ ୫୮୨ ମାର୍କ ପାଇଛନ୍ତି। ଇଂରାଜୀରେ ଆଉ କିଛି ଅଧିକ ମାର୍କ ମିଳିବ ବୋଲି ତାଙ୍କ ଆଶା ଥିଲା। ପରୀକ୍ଷା ପୂର୍ବରୁ ସେ ଦିନକୁ ୪ରୁ ୫ଘଣ୍ଟା ପଢୁଥିଲେ। ପ୍ରୀତିଶଙ୍କ ବାପା ଅକ୍ରୂରମଣି ରେମଣ୍ଡା ହାଇସ୍କୁଲ ଏବଂ ମା' ମଧୁମିତା ବାଗବାଡ଼ି ପ୍ରାଥମିକ ସ୍କୁଲରେ ଶିକ୍ଷକତା କରୁଛନ୍ତି। ସେ ଯୁକ୍ତ ୨ ବିଜ୍ଞାନରେ ନାମ ଲେଖାଇବେ ଏବଂ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରହିଛି ବୋଲି ପ୍ରୀତିଶ କହିଛନ୍ତି।

### ଟିଉଶନ ନ ହୋଇ ଟପ୍ପର

ବରପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ତିଲକ ହୋତା ଟପ୍ପର ତାଲିକାରେ ରହିଛନ୍ତି। ବାପା ନିରଞ୍ଜନ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଓ ମା' ମମତାମୟୀ ଗୃହିଣୀ ଅଟନ୍ତି। ନିରଞ୍ଜନ ଯେଉଁ ସ୍କୁଲର ପ୍ରଧାନ ଆଚାର୍ଯ୍ୟ, ସେହି ସ୍କୁଲରେ ପାଠପଢ଼ି ଟପ୍ପର ତାଲିକାରେ ରହିଥିବା ଯୋଗୁ ତିଲକ ଖୁସିବ୍ୟକ୍ତ କରିଛନ୍ତି। କେବେ ସେ ଟିଉଶନ ଯାଇନାହାନ୍ତି। ପରୀକ୍ଷା ପୂର୍ବରୁ ସେ ୧୫ରୁ ୧୬ଘଣ୍ଟା ପରିଶ୍ରମ କରୁଥିଲେ। ଆଗକୁ ବିଜ୍ଞାନ ପଢ଼ି ଜଣେ ଡାକ୍ତର ହେବା ତାଙ୍କ ଲକ୍ଷ୍ୟ ରହିଥିବା ସେ ପ୍ରକାଶ କରିଛନ୍ତି ।

## ସୋହେଲା ବ୍ଲକ: ପାସ୍ ହାର ୯୭.୭୧

**ସୋହେଲା,୧୮।୫(ଡି.ଏନ.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ବରଗଡ଼ ଜିଲା ସୋହେଲା ବ୍ଲକରେ ୯୭.୭୧ ଶତକଡା ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ୬ ଜଣ ଛାତ୍ରୀଛାତ୍ର ୯୦ ଶତକଡ଼ାରୁ ଅଧିକ ମାର୍କ ରଖି ଏ୧ଗ୍ରେଡ୍ ରଖିଛନ୍ତି। ଦଶମାଇଲ ସେବାଶ୍ରମ ହାଇସ୍କୁଲର ଛାତ୍ର ପ୍ରଶାନ୍ତ ମିଶ୍ର ୫୬୫ ମାର୍କ ରଖି ବ୍ଲକରେ ପ୍ରଥମ ହୋଇଛନ୍ତି। ସେହିପରି ସରକଣ୍ଡା ହାଇସ୍କୁଲର ନୈନା ବାରିକ ୫୬୦ ମାର୍କ ରଖି ଦ୍ୱିତୀୟ, ପେଟୁପାଲି ଗ୍ରାମପଞ୍ଚାୟତ ହାଇସ୍କୁଲର ରାଖୀ ରାଉତିଆ ୫୫୧ ମାର୍କ ରଖି ତୃତୀୟ, କନଗାଁ ହାଇସ୍କୁଲର ଅଙ୍କିତା ବଣିଆ ୫୪୬ ମାର୍କ ରଖି ଚତୁର୍ଥ, ଘେସ୍ ହାଇସ୍କୁଲର ବିରେନ୍ଦ୍ର କୁମାର ସାହୁ ୫୪୩ ମାର୍କ ରଖି ପଞ୍ଚମ ଏବଂ ଝର ହାଇସ୍କୁଲର ଅଂଶୁମାନ ସାହୁ ୫୪୦ ମାର୍କ ରଖି ଷଷ୍ଠ ସ୍ଥାନରେ ରହିଛନ୍ତି। ଚଳିତ ବର୍ଷ ସୋହେଲା ବ୍ଲକରେ ୧୬୬୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୬୨୨ ଜଣ ପାସ୍ କରିଛନ୍ତି। ଏ୧-୬ ଜଣ, ଏ୨-୪୫ ଜଣ, ବି୧-୧୭୭ ଜଣ, ବି୨-୩୧୫ ଜଣ, ସି- ୪୩୬ ଜଣ, ଡି- ୩୫୫ ଜଣ, ଇ ଗ୍ରେଡ୍‌ରେ ୨୮୮ଜଣ ରହିଛନ୍ତି। ୩୯ ଫେଲ ହୋଇଛନ୍ତି। ବ୍ଲକର ୧୩ଟି ହାଇସ୍କୁଲରେ ୧୦୦ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି ।

# ବୀରମହାରାଜପୁରରେ ପାସ୍ ହାର ୯୮.୪୫%

■ ବିଶ୍ୱରୂପା ସାହୁ ବ୍ଲକ ଟପ୍ପର ■ ୮ ସ୍କୁଲରେ ଶତ ପ୍ରତିଶତ ସଫଳତା

**ଅମରପାଲି,୧୮।୫(ଡି.ଏନ.ଏ.)**

ଗୁରୁବାର ପ୍ରକାଶ ପାଇଛି ମାଟ୍ରିକ ପରୀକ୍ଷା ଫଳ। ଚଳିତବର୍ଷ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ପାସ୍ ହାର ୯୮.୪୫ପ୍ରତିଶତ ରହିଛି। ବ୍ଲକର ୧୯ଟି ସ୍କୁଲର ୧୪୮୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ପଞ୍ଜୀକୃତ ହୋଇଥିଲେ। ତନ୍ମଧ୍ୟରୁ ୧୪୭୬ ଜଣ ପରୀକ୍ଷା ଦେଇଥିଲେ ଓ ୧୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସମୁଦାୟ ୧୪୫୯ ଜଣ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଦୁଇ ଜଣ ପରୀକ୍ଷାର୍ଥୀ ଏ-୧ ଗ୍ରେଡରେ ପାସ କରିଛନ୍ତି। ବ୍ଲକର ସରକାରୀ ବାଳିକା ହାଇସ୍କୁଲର ବିଶ୍ୱରୂପା ସାହୁ ୫୫୫ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ ବାପୁଜୀ ହାଇସ୍କୁଲ କମିରାର ଛାତ୍ର ଅନିଲ ପଧାନ ୫୪୦ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୪୧ଜଣ ଏ-୨ ଗ୍ରେଡ, ୧୮୨ଜଣ ବି-୧ ଗ୍ରେଡ, ୩୧୭ଜଣ ବି-୨ ଗ୍ରେଡ, ୩୮୧ଜଣ ସି ଗ୍ରେଡ, ୩୨୩ ଜଣ ଡି ଗ୍ରେଡ, ୨୧୩ଜଣ ଇ ଗ୍ରେଡରେ ପାସ୍ କରିଛନ୍ତି। ବ୍ଲକର ୧୭ ଜଣ ପରୀକ୍ଷାର୍ଥୀ ଫେଲ ହୋଇଥିବା ସୂଚନା ମିଳିଛି। ବ୍ଲକର ବଡଖମାରରେ ଏକମାତ୍ର ସଂସ୍କୃତ ସ୍କୁଲ ଥିବା ବେଳେ ଉକ୍ତ ସ୍କୁଲରୁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବ୍ଲକର ୮ଟି ସ୍କୁଲର ଫଳାଫଳ ଶତ ପ୍ରତିଶତ ହୋଇଛି। ମୁର୍ଷୁଣ୍ଡି ରଘୁନାଥ ହାଇସ୍କୁଲ, ଡୁଲେଶ୍ୱର ହାଇସ୍କୁଲ, ବୀରମହାରାଜପୁର ସରକାରୀ ବାଳିକା ହାଇସ୍କୁଲ, ବଡକିରାସିରା ୟୁଜିଏଚଏସ, କମିରା ବାପୁଜୀ ହାଇସ୍କୁଲ, ସଂଗ୍ରାମପୁର ୟୁଜିଏଚଏଚ, ଖଣ୍ଡହତା ଇନ୍ଦିରା ଗାନ୍ଧୀ ହାଇସ୍କୁଲ ଓ ବଡଖମାର ସଂସ୍କୃତ ସ୍କୁଲରେ ପାସ୍ ହାର ଶତ ପ୍ରତିଶତ ରହିଛି।

### ଆଇଏଏସ ହେବାକୁ ଲକ୍ଷ୍ୟ ରଖିଛି

"ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳିକା ହାଇସ୍କୁଲରେ ପଢୁଥିବା ବିଶ୍ୱରୂପା ସାହୁ ୫୫୫ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେ ବ୍ଲକର ରଣାପାଲି ଗ୍ରାମର ହୋଇଥିବା ବେଳେ ତାଙ୍କ ବାପା ସୁକାନ୍ତ ସାହୁ ଜଣେ ଚାଷୀ ଓ ମାଆ ବନିତା ସାହୁ ଗୃହିଣୀ । ପରୀକ୍ଷା ପାଇଁ ସେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପରାମର୍ଶ ନେଉଥିଲେ । ସ୍କୁଲ ବ୍ୟତୀତ ଦୈନିକ ୭ରୁ୮ ଘଣ୍ଟା ପରିଶ୍ରମ କରୁଥିବା ପ୍ରକାଶ କରିଛନ୍ତି। ବଡ ହେଲେ ଜଣେ ଦକ୍ଷ ଆଇଏଏସ ହେବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ତାଙ୍କର ସଫଳତା ପାଇଁ ସେ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ଗୁରୁଜନ,ମା' ବାପା ଓ ପରିବାରର ସମସ୍ତଙ୍କୁ ଶ୍ରେୟ ଦେଇଛନ୍ତି।



**-ବିଶ୍ୱରୂପା ସାହୁ (ଛାତ୍ରୀ,ବୀରମହାରାଜପୁର ବାଳିକା ହାଇସ୍କୁଲ)**

### ସ୍କୁଲ ସମୟ ବ୍ୟତୀତ ଦୈନିକ ୭ ଘଣ୍ଟା ପରିଶ୍ରମ କରୁଥିଲି

"ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାସ୍ଥିତ ବାପୁଜୀ ହାଇସ୍କୁଲରେ ପଢୁଥିବା ଅନିଲ ପ୍ରଧାନ ୫୪୦ ନମ୍ବର ରଖିଛନ୍ତି। ସେ ବ୍ଲକର ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ କୁଶାଦାଦର ଗ୍ରାମର ହୋଇଥିବା ବେଳେ ତାଙ୍କ ବାପା ଶିବ ଶମ୍ଭୁ ପ୍ରଧାନ ଜଣେ ଚାଷୀ ଓ ମାଆ ମମିତା ପଧାନ ଗୃହିଣୀ । ପରୀକ୍ଷା ପାଇଁ ସେ ନିଜକୁ ଭଲ ଭାବରେ ପ୍ରସ୍ତୁତ କରିଥିଲେ। ସେ ପରୀକ୍ଷା ଫଳକୁ ନେଇ ସନ୍ତୁଷ୍ଟ ଥିବା କହିଛନ୍ତି। ସ୍କୁଲ ବ୍ୟତୀତ ଦୈନିକ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିବା ପ୍ରକାଶ କରିଛନ୍ତି। ଭବିଷ୍ୟତରେ ସେ ଜଣେ ଆଇପିଏସ ହେବାର ଲକ୍ଷ୍ୟ ରଖିଛନ୍ତି। ତାଙ୍କର ସଫଳତା ପାଇଁ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ, ଗୁରୁଜନ,ମା ବାପା ଓ ପରିବାରର ସମସ୍ତଙ୍କୁ ଶ୍ରେୟ ଦେଇଛନ୍ତି।



**-ଅନିଲ ପ୍ରଧାନ (ଛାତ୍ର,ବାପୁଜୀ ହାଇସ୍କୁଲ,କମିରା )**

## ହସ୍ତତନ୍ତ ମଲ୍ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କଲେ ଡବ୍ଲୁଓଡ଼ିସି ଅଧ୍ୟକ୍ଷ

**ସୋନପୁର,୧୮।୫(ନି.ପ୍ର.)**

ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ଗୁରୁବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ। ଅଧ୍ୟକ୍ଷ ତ୍ରିପାଠୀ ସୋନପୁର ସହର ନିକଟବର୍ତ୍ତୀ ଝିଙ୍କିଠାରେ ଡବ୍ଲୁଓଡିସି ଅନୁଦାନରେ ନିର୍ମାଣ ହେଉଥିବା ହସ୍ତତନ୍ତ ମଲ୍‌ର ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରି ସମୟ ଅବଧିରେ ପ୍ରକଳ୍ପ କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଛନ୍ତି। ପଶ୍ଚିମ ଓଡିଶା ବିକାଶ ପରିଷଦ ଦ୍ୱାରା ୬ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ହସ୍ତତନ୍ତ ମଲ୍ ନିର୍ମାଣ ହେଉଛି । ଏହା ଜିଲାର ବୁଣାକାର ଓ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ରର ବିକ୍ରୟ ତଥା ସେମାନଙ୍କ ଅର୍ଥନୈତିକ ବିକାଶରେ ସହାୟକ ହେବ। ଗତ ଅକ୍ଟୋବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଗୁରୁବାର ପରିଷଦର ଅଧ୍ୟକ୍ଷ ତ୍ରିପାଠୀଙ୍କ ସହିତ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଅଜିତ କୁମାର ମିଶ୍ର, ବୈଷୟିକ ପରାମର୍ଶଦାତା ସୁନୀଲ କୁମାର ନାୟକ ସାମିଲ ଥିଲେ । ଏହି ଅବସରରେ ସୁବର୍ଣ୍ଣପୁରର ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଯୁଗ୍ମ ନିର୍ଦ୍ଦେଶକ ଜିଲା ଯୋଜନା ଓ ସଂଯୋଜନା ଚତୁର୍ଭୁଜ ସାହୁ ଓ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଡାକ୍ତରଙ୍କ ସୁରକ୍ଷାକୁ ଗୁରୁତ୍ୱ


ବୈଠକରେ ଉପସ୍ଥିତ ଓମ୍‌ସାର କର୍ମକର୍ତ୍ତାବୃନ୍ଦ ।

**ବରଗଡ଼ ଅଫିସ୍,୧୮।୫**

ସରକାରୀ ଡାକ୍ତରଖାନାଗୁଡ଼ିକରେ ବିଭିନ୍ନ ସମୟରେ ଡାକ୍ତରଙ୍କ ଉପରେ ଆକ୍ରମଣ ହେଉଛି। ଏଭଳି ଘଟଣାକୁ ନେଇ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଚାରୁବାଳା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ମେଡ଼ିକାଲ ସର୍ଭିସେସ୍ଆସୋସିଏଶନ (ଓମ୍‌ସା) ବରଗଡ଼ ଶାଖା ଉଦ୍‌ବେଗ ପ୍ରକାଶ କରିଛି। ବୈଠକରେ ସ୍ୱାସ୍ଥ୍ୟସେବାର ଉନ୍ନତି ତଥା ଡାକ୍ତରଙ୍କ ସୁରକ୍ଷା ସମ୍ପର୍କରେ ସଂଘର ସଦସ୍ୟବୃନ୍ଦ ଆଲୋଚନା କରିଥିଲେ। ଜିଲାରେ ରହିଥିବା ଡାକ୍ତର ଅଭାବକୁ ତୁରନ୍ତ ପୂରଣ କରିବା, ଜିଲାର ବିଭିନ୍ନ ଡାକ୍ତରଖାନାରେ ଡାକ୍ତରଙ୍କ ରହିବା ଲାଗି କ୍ୱାର୍ଟର, ସରକାରୀ ଛୁଟି ଦିନଗୁଡ଼ିକରେ ଡ୍ୟୁଟି, ସଂଘର ନୂତନ ସଦସ୍ୟତା ଗ୍ରହଣ, ଓମସା ଭବନ ଲାଗି ଜମି ଚିହ୍ନଟ ଏବଂ ଅନୁଦାନ, ଯୋଗ୍ୟତା ଅନୁଯାୟୀ ପଦୋନ୍ନତି, ଡାକ୍ତରଙ୍କ ବିରୋଧରେ ଆସୁଥିବା ଅଭିଯୋଗ ଗୁଡ଼ିକର ସମୀକ୍ଷା, ଡାକ୍ତରଖାନା ଗୁଡ଼ିକରେ ସିଟି ସ୍କାନ, ଡିଜିଟାଲ ଏକ୍ସ-ରେ, ଅଟୋ ଆନାଲାଇଜର, ପାଥୋଲାବ୍ ସୁବିଧା, ଆବଶ୍ୟକତା ଅନୁଯାୟୀ, ଆମ୍ବୁଲାନ୍ସର ସୁବିଧା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସଂଘର ବରଗଡ଼ ଜିଲା ସଭାପତି ଡା. ସରୋଜ କୁମାର ସେଠ, ଉପସଭାପତି ଡା. ରବିନାରାୟଣ ମିଶ୍ର, ଉପଦେଷ୍ଟା ଡା. ପ୍ରଶାନ୍ତ କିଶୋର ଦାଶ, ଡା. ସୁବାଷ ଚନ୍ଦ୍ର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ଏ ୧ ଗ୍ରେଡ୍‌ରେ ଅଲିଭା ମହାକୁଳ

**ବାଉଁଶୁଣୀ, ୧୮।୫(ଡି.ଏନ.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ପେଟିଭ-୨ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ବୌଦ୍ଧ ଜିଲା ବାଉଁଶୁଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅଲିଭା ମହାକୁଳ ୬୦୦ରୁ ୫୪୬ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ୯୧ ପ୍ରତିଶତ ମାର୍କ ରଖି ଏ ୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ଅଲିଭାଙ୍କ ଗାଁ ଅଁଳାପାଲି ପଞ୍ଚାୟତ ଗୁଡପଡା ଗ୍ରାମରେ ଖୁସିର ଲହରି ଖେଳିଯାଇଛି।


ଅଲିଭା ମହାକୁଳ

## ପରିବାଚାଷ ନିଶାରେ ଚିତ୍ରସେନ


ଚିତ୍ରସେନ ଜମିରୁ କାକୁଡି ତୋଳୁଛନ୍ତି।

**ପଦ୍ମପୁର,୧୮।୫(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ଖୁଜେନ ଗ୍ରାମର ଚିତ୍ରସେନ ସ୍ୱାଇଁ ନିକଟସ୍ଥ ଜମଲା ପାକ୍ସରେ ସହକାରୀ ସମ୍ପାଦକ ଭାବେ କାର୍ଯ୍ୟରତ ଅଛନ୍ତି। ସେ ସରକାରୀ ଚାକିରୀ କରିଥିଲେ ମଧ୍ୟ ଚାଷ ପ୍ରତି ତାଙ୍କର ବିଶେଷ ଆଗ୍ରହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି। ତାଙ୍କ ବାପା ଜଣେ ସଫଳ ଚାଷୀ। ବାପାଙ୍କ ପ୍ରେରଣା କ୍ରମେ ଚିତ୍ରସେନ ପ୍ରାୟ ୪ଏକର ଜମିରେ ପରିବା ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ଅନ୍ୟମାନଙ୍କୁ କାମ ଯୋଗାଉଛନ୍ତି। ସେ ତାଙ୍କ ଜମିରେ ଶୀତଦିନେ ଝୁଡଙ୍ଗ, କଖାରୁ ଚାଷ କରି ବାହାର ବଜାରକୁ ପଠାଉଥିଲେ। ଏବେ ପ୍ରବଳ ଗ୍ରୀଷ୍ମରେ କାକୁଡି ଚାଷ କରି ଦୈନିକ କୁଇଣ୍ଟାଲ ହିସାବରେ ବଜାରରେ ବିକ୍ରି କରୁଛନ୍ତି। ତାଙ୍କର ଏକ ଏକର କାକୁଡି ଚାଷରୁ ବର୍ତ୍ତମାନ ସୁଦ୍ଧା ୫୦ ହଜାର ଟଙ୍କା ଲାଭ ହେଲାଣି। ଆହୁରି ଲାଭ ହେବ ବୋଲି କହିଛନ୍ତି ଚିତ୍ରସେନ। ଆଗାମୀ ଦିନରେ ଧାନଚାଷ ବଦଳରେ ପନିପରିବା ଚାଷକରିବା ପାଇଁ ସେ ଅନ୍ୟମାନଙ୍କୁ ପରାମର୍ଶ ଦେଉଛନ୍ତି।

# ସୁବର୍ଣ୍ଣପୁର ଜିଲା: ପାସ୍ ହାର ୯୬.୫୪%

**ସୋନପୁର,୧୮।୫(ନି.ପ୍ର.)**

### ୩୮ ପରୀକ୍ଷାର୍ଥୀଙ୍କୁ ଏ-୧ ଗ୍ରେଡ୍

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି । ସୁବର୍ଣ୍ଣପୁର ଜିଲାର ପାସ୍ ହାର ୯୬.୫୪% ରହିଛି । ଜିଲାର ମୋଟ ୧୨୫ଟି ଉଚ୍ଚ ବିଦ୍ୟାଳୟର ୮୬୭୮ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିଲେ । ୯୩ ଜଣ କୌଣସି କାରଣରୁ ଅନୁପସ୍ଥିତ ଥିଲେ। ୮୩୭୮ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ, ଜିଲାରେ ୩୮ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି । ସେହିପରି ଏ-୨ ଗ୍ରେଡ୍ ୨୯୬ଜଣ, ବି-୧ ୮୪୮ଜଣ, ବି-୨ ୧୪୮୬ଜଣ, ସି-୨୦୫୬ଜଣ, ଡି-୨୧୩୨ଜଣ, ଇ-୧୫୨୨ଜଣ ଓ ଏଫ ଗ୍ରେଡ୍-୧୮୯ ପରୀକ୍ଷାର୍ଥୀଙ୍କୁ ମିଳିଛି। ଚଳିତବର୍ଷ ଝିଅମାନେ ପୁଅଙ୍କୁ ପଛରେ ପକାଇ ଦେଇଛନ୍ତି । ମୋଟ ୪୩୮୭ ଛାତ୍ରୀ ଓ ୩୯୯୧ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ପୂର୍ବବର୍ଷଗୁଡିକ ଭଳି ଚଳିତ ଥର ମଧ୍ୟ ବେସରକାରୀ ସ୍କୁଲର ଛାତ୍ରୀଛାତ୍ର ବାଜି ମାରି ନେଇଛନ୍ତି । ଏ-୧ ଗ୍ରେଡ୍ ପାଇଥିବା ଅଧିକାଂଶ ଛାତ୍ରୀଛାତ୍ର ବେସରକାରୀ ବିଦ୍ୟାଳୟର । ସୋନପୁର ସାହାରା ଟ୍ରଷ୍ଟ ଆବାସିକ ହାଇସ୍କୁଲର ସର୍ବାଧିକ ୨୩ ଜଣ ଏ ଗ୍ରେଡ୍ ପାଇଛନ୍ତି। ସାହାରା ଟ୍ରଷ୍ଟ ହାଇସ୍କୁଲର ଅଙ୍କିତା ପଧାନ ୫୮୦ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ସାହାରା ଟ୍ରଷ୍ଟ ହାଇସ୍କୁଲର ଆଶୀର୍ବାଦ ତ୍ରିପାଠୀ ୫୭୩ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ତୃପ୍ତିମୟୀ ସାହୁ ୫୬୯ ନମ୍ବର ରଖି ଜିଲାରେ ତୃତୀୟ ସ୍ଥାନରେ ଅଛନ୍ତି । ସାହାରା ସ୍କୁଲର ଶୁଭଶ୍ରୀ ମିଶ୍ର ୫୬୭, ଜ୍ୟୋତିର୍ମୟୀ ପୂଜାହାରୀ ୫୬୬, ଆୟୁଷ୍ମାନ ପାଣିଗ୍ରାହୀ ୫୬୪, ଆର୍ଯ୍ୟମାନ ବେହେରା ୫୬୦ ନମ୍ବର ରଖିଛନ୍ତି । ମେଣ୍ଡା ହାଇସ୍କୁଲର ଅନୁରାଗ ପାଣିଗ୍ରାହୀ ୫୬୦, ସାହାରା ଟ୍ରଷ୍ଟ ହାଇସ୍କୁଲର ଅନ୍ୱେଷା ଭୁଏ ୫୫୯, ଗାୟତ୍ରୀ ବେହେରା ୫୫୭, ସ୍ମୃତିରେଖା ମିଶ୍ର ୫୫୭, ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ସ୍ୱପ୍ନପ୍ରଜ୍ଞା ଶତପଥୀ ୫୫୫, ପଞ୍ଚାୟତ ସମିତି ଗାର୍ଲସ ହାଇସ୍କୁଲ ବୀରମହାରାଜପୁରର ବିଶ୍ୱରୂପା ସାହୁ ୫୫୫, ସାହାରା ଟ୍ରଷ୍ଟ ହାଇସ୍କୁଲର ଅଙ୍କିତା ମିଶ୍ର ୫୫୪, ଆୟୁଶ୍ରୀ ଚାନ୍ଦ ୫୫୪, ପ୍ରତିଭାମୟୀ ପଧାନ ୫୫୪, ପ୍ରେରଣା ବାରିକ ୫୪୯, ଶ୍ରୀୟା ଶ୍ରୀ ସାହୁ ୫୪୯, ଶୁଭଶ୍ରୀ ପଧାନ ୫୪୯, ସୋନପୁର ମହାରାଜା ହାଇସ୍କୁଲର ଦେବେନ୍ଦ୍ର ଖମାରୀ ୫୪୯ ନମ୍ବର ରଖିଛନ୍ତି । ସେହିପରି ପଞ୍ଚାୟତ ହାଇସ୍କୁଲ ବେହେରାମାଲର ଯଶ୍ମିନ ପଧାନ ୫୪୮, ପଞ୍ଚାୟତ ହାଇସ୍କୁଲ ନିମ୍ନାର ଅନ୍ୱେଷା ପାଢୀ ୫୪୮, ସାହାରା ଟ୍ରଷ୍ଟ ହାଇସ୍କୁଲର ସ୍ୱାତି ମେହେର ୫୪୭, ଆଦିବାସୀ ପଞ୍ଚାୟତ ହାଇସ୍କୁଲ ସହଲାର ରତନସ ମେହେର ୫୪୭, ଉଲୁଣ୍ଡା ହାଇସ୍କୁଲର ଈଶାନ ମିଶ୍ର ୫୪୬, ସାହାରା ଟ୍ରଷ୍ଟ ହାଇସ୍କୁଲର ଦିବ୍ୟମ ସାହୁ ୫୪୫, ଓମ୍ ମେହେର ୫୪୪, ପଞ୍ଚାୟତ ହାଇସ୍କୁଲ ନନ୍ଦନମାଳର ରିଶିତା ପଧାନ ୫୪୪, ସାହାରା ଟ୍ରଷ୍ଟ ହାଇସ୍କୁଲର କାବ୍ୟାଞ୍ଜଳି ଭୋଇ ୫୪୩ ନମ୍ବର ରଖିଛନ୍ତି। ସାୟନ କୁମାର ନାୟକ ୫୪୧, ପ୍ରଜ୍ଞା ବାରିକ ୫୪୦, ଶୃତିମୟୀ ବୁଡେକ ୫୪୦, ମେଣ୍ଡା ହାଇସ୍କୁଲର ରୋଜି ମେହେର ୫୪୦, ସୁମନ୍ତ କର୍ମୀ ୫୪୦, ସୋନପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ପ୍ରୀତିମୟୀ ମିଶ୍ର ୫୪୦, ପ୍ରମିଳା ମେହେର ୫୪୦, ବିନିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଯଶୋବନ୍ତ ମେହେର ୫୪୦ ଓ ବାପୁଜୀ ହାଇସ୍କୁଲ କମିରାର ଅନିଲ ପଧାନ ୫୪୦ ନମ୍ବର ରଖିଛନ୍ତି ।

### ଭବିଷ୍ୟତରେ ଡାକ୍ତର ହେବା ଲକ୍ଷ୍ୟ

**ଜିଲା ଟପ୍ପର**


ଅଙ୍କିତା ପଧାନ।

ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲର ଛାତ୍ରୀ ଅଙ୍କିତା ପଧାନ ମାଟ୍ରିକ୍ ପରୀକ୍ଷାରେ ୯୬.୬୭% ନମ୍ବର ରଖି ସୁବର୍ଣ୍ଣପୁର ଜିଲାର ଟପ୍ପର ହୋଇଛନ୍ତି। ମୋଟ ୬୦୦ ନମ୍ବରରୁ ସେ ୫୮୦ ନମ୍ବର ରଖିଛନ୍ତି । ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର(ବାବୁପାଲି) ଗାଁର ଅଙ୍କିତା ଜଣେ ମେଧାବୀ ଛାତ୍ରୀ। ସେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କଳାପଥର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢିଥିଲେ। ନବମ ଶ୍ରେଣୀ ଠାରୁ ସୋନପୁର ସାହାରା ଟ୍ରଷ୍ଟ ବିଦ୍ୟାଳୟ ଛାତ୍ରାବାସରେ ରହି ପାଠ ପଢୁଥିଲେ । ଏବେ ସେ ଯୁକ୍ତ ୨ ବିଜ୍ଞାନ ପଢିବା ସହ ନିଟ୍ ପାଇଁ ପ୍ରସ୍ତୁତି କରିବେ । ଭବିଷ୍ୟତରେ ଜଣେ ଭଲ ଡାକ୍ତର ହୋଇ ଜନସାଧାରଣଙ୍କ ସେବା କରିବା ତାଙ୍କ ଲକ୍ଷ୍ୟ । ମା ପିଙ୍କି ବିଶ୍ୱାଳ ଜଣେ ଅଙ୍ଗନୱାଡି କର୍ମୀ। ବାପା ଅଗସ୍ତି ପଧାନ ବ୍ୟବସାୟ କରନ୍ତି। ଏହି ସଫଳତାର ଶ୍ରେୟ ସେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଗୁରୁଜନ ଓ ଅଭିଭାବକଙ୍କୁ ଦେଇଛନ୍ତି ।

## ସଂକ୍ଷେପରେ

### ଜନ୍ମ ଦିନରେ ରକ୍ତଦାନ ଶିବିର କରି ଅଙ୍ଗଦାନ ପାଇଁ ସଙ୍କଳ୍ପ ନେଲେ ଶୁଭମ୍



**ସୁନ୍ଦରଗଡ଼,୧୮।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ମଙ୍ଗସପୁର ଗ୍ରାମର ଯୁବ ଇଞ୍ଜିନିୟର ଶୁଭମ୍ ମହାପାତ୍ର ତାଙ୍କ ଜନ୍ମ ଦିନରେ ଏକ ରକ୍ତଦାନ ଶିବିର ଆୟୋଜନ କରି ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି। ସେ ନିଜେ ମଧ ରକ୍ତ ଦାନ କରିଥିଲେ। ଶିବିରରୁ ମୋଟ ୧୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ମୃତ୍ୟୁ ପରେ ନିଜ ଶରୀରକୁ ବୁର୍ଲା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜକୁ ଦାନ ପାଇଁ ସଙ୍କଳ୍ପ ନେଇଛନ୍ତି। ଛାତ୍ର ଜୀବନରୁ ସମାଜ ସେବା ପାଇଁ ଶୁଭମ୍‌ଙ୍କ ଆଗ୍ରହ ରହିଛି।

### ନର୍ଚରିଂ ନେବରହୁଡ୍ ଚ୍ୟାଲେଞ୍ଜ କର୍ମଶାଳା ଉଦ୍‌ଘାଟିତ

**ରାଉରକେଲା ଅଫିସ,୧୮।୫:** ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍ ଆନୁକୂଲ୍ୟରେ ଗୁରୁବାର ରାଉରକେଲା ମେ ଫେୟାର ହୋଟେଲରେ ଦ୍ୱିଦିବସୀୟ ନର୍ଚରିଂ ନେବରହୁଡ୍ ଚ୍ୟାଲେଞ୍ଜ ପିଅର ଲର୍ନିଂ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରେ ଥିବା ସ୍ମାର୍ଟ ସିଟିର ଆୟୁକ୍ତ, ଇଞ୍ଜିନିୟରିଂ ବିଭାଗର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗ ଦେଇଛନ୍ତି। କର୍ମଶାଳାରେ ସହରାଞ୍ଚଳ ପ୍ରବନ୍ଧନ ଓ ଆଧୁନିକ ଜ୍ଞାନକୌଶଳ ବ୍ୟବହାର ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଉରକେଲା ମହାନଗର ନିଗମ କମିଶନର ଡ. ଶୁଭଙ୍କର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପିବି ରେଡ୍ଡୀ ଏମ୍‌ସିଏଲ୍‌ର କାର୍ମିକ ନିର୍ଦ୍ଦେଶକ



**ସୁନ୍ଦରଗଡ଼,୧୮।୫(ଡି.ଏନ୍.ଏ.):** ଏମ୍‌ସିଏଲ୍ ମହାପ୍ରବନ୍ଧକ ପିବି ରେଡ୍ଡୀ ପଶ୍ଚିମାଞ୍ଚଳ କୋଇଲା ଖଣି ପ୍ରକଳ୍ପ(ଡବ୍ଲ୍ୟୁସିଏଲ)ର କାର୍ମିକ ବିଭାଗ ନିର୍ଦ୍ଦେଶକଭାବେ ପଦୋନ୍ନତି ପାଇଛନ୍ତି। ଭାରତ ସରକାରଙ୍କ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ଅନ୍ତର୍ଗତ ଲୋକ ଉଦ୍ୟମ ଚୟନ ବୋର୍ଡ (ପିଇଏସବି)ର ଗତ ୧୫ତାରିଖରେ ହୋଇଥିବା ବୈଠକରେ ଏହି ସୂଚନା ଦିଆଯାଇଛି। ଏହି ପଦବୀ ପାଇଁ ୮ ଅଧିକାରୀ ସାକ୍ଷାତ୍‌କାରରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଏମ୍‌ସିଏଲ୍ ମହାପ୍ରବନ୍ଧକ ପିବି ରେଡ୍ଡୀ ସାମିଲ ହୋଇଥିଲେ।

# ଆଇସିୟୁ, ଡାକ୍ତର ନିଯୁକ୍ତି ପାଇଁ ପ୍ରତିଶ୍ରୁତି

## ଆରଜିଏଚ୍‌ରେ ସ୍ୱାସ୍ଥ୍ୟ ବିଭାଗ ଟିମ୍

**ରାଉରକେଲା ଅଫିସ,୧୮।୫**

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ୪ ଜଣିଆ ଟିମ୍ ଗୁରୁବାର ରାଉରକେଲା ସରକାରୀ ହସ୍ପିଟାଲ (ଆରଜିଏଚ୍)କୁ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉକ୍ତ ଟିମ୍ ପୂର୍ବାହ୍ଣ ୧୦ଟାରେ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଆରଜିଏଚ୍ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଡାକ୍ତରଖାନା ଅଧିବେଶନ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡ. ବି. କେ. ମହାପାତ୍ର, ଅତିରିକ୍ତ ଡିଏମ୍‌ଟି ଡ. ବ୍ରଜକିଶୋର ଦାସ, ଓଏସ୍‌ଏମ୍‌ସିଏଲର ଜେନେରାଲ ମ୍ୟାନେଜର ଡ. ରଣଜିତ ସିଂ, ଏନ୍‌ଏଚ୍‌ଏମ୍‌ର ପ୍ରୋଗାମ ମ୍ୟାନେଜର ଆଦିତ୍ୟ ପ୍ରଧାନ ଓ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସୁନ୍ଦରଗଡ଼ ଜିଲାର ୪ଟି ନିର୍ବାଚନ ମଣ୍ଡଳୀ ସହ ପଡୋଶୀ ଝାଡ଼ଖଣ୍ଡର ରୋଗୀମାନେ ରାଉରକେଲା ସରକାରୀ ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ତେଣୁ ଏହି ଡାକ୍ତରଖାନାରେ ଥିବା ନାନା ସମସ୍ୟାର ସମାଧାନ ନେଇ ବିଧାୟକ ନାୟକ ସ୍ୱାସ୍ଥ୍ୟ ବିଭାଗର ଟିମ୍‌କୁ ଅବଗତ କରିଥିଲେ। ପରେ ଏହି ଟିମ୍ ଆରଜିଏଚର ବିଭିନ୍ନ ୟୁନିଟ୍ ଗୁଡିକୁ ବୁଲି ଦେଖିଥିଲେ। ଏହାସହ ଡାକ୍ତରଖାନାରେ ପରିମଳ ବ୍ୟବସ୍ଥା, ପାର୍କିଂ ସ୍ଥଳ, ପାନୀୟ ଜଳ, ବିଦ୍ୟୁତ ସେବା ଓ ରାଜ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାର ଉପଯୁକ୍ତ କାର୍ଯ୍ୟକାରିତାକୁ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନାରେ ମାତୃଶିଶୁ ବିଭାଗ ସମ୍ମୁଖ ଖାଲିସ୍ଥାନରେ ଆଇସିୟୁ ବ୍ୟବସ୍ଥା, କର୍ମଚାରୀମାନଙ୍କ ପାଇଁ ନୂତନ ଷ୍ଟାଫ୍ କ୍ୱାଟର୍ସ ନିର୍ମାଣ ପାଇଁ ପ୍ରସ୍ତାବ ସେମାନେ ପ୍ରସ୍ତାବ ଦେଇଥିଲେ। ଡାକ୍ତରଖାନାରେ ୨୦ ଜଣ ନୂତନ ଡାକ୍ତରଙ୍କୁ ତୁରନ୍ତ ଦେବା ପାଇଁ ଏହି ଟିମ ପ୍ରତିଶ୍ରୁତି ଦେଇଥିଲା। ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ଡ. ଜଗଦୀଶ ଚନ୍ଦ୍ର ବାରିକ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡ. ପଣ୍ଡିତ କୁମାର ସାହୁ, ପିଡବ୍ଲ୍ୟୁଡି ଅଧିକାରୀ ମନୋଜ କୁମାର ମହାନନ୍ଦ, ଆର୍‌ଜିଏଚ୍ ମ୍ୟାନେଜର ମୋହିତ ଶ୍ରୀବାସ୍ତବ, ଚକ୍ଷୁ ବିଶେଷଜ୍ଞ ଡ. ସମୀର ପାତ୍ରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଅନ୍ୟମାନେ।



**ଜୀବନକୁ ବାଜି:** ରାଉରକେଲା ସହରରେ ପରିବା ବ୍ୟବସାୟୀମାନେ ଖୋଲା ଅଟୋରେ ବିପଦସଙ୍କୁଳ ଭାବେ ଯାତ୍ରା କରୁଛନ୍ତି (ବାମ)। ବାସନ୍ତୀ କଲୋନୀ ରେଲୱେ ଗେଟ୍ ପାଖରେ ଲୋକେ ଚଳନ୍ତା ମାଲବାହୀ ଟ୍ରେନ୍ ଉପରେ ଚଢି ରାସ୍ତା ପାରି ହେଉଛନ୍ତି।

## ଦେବଗଡ଼ରେ ରୋପ୍ୟଶ୍ରୀ ଦିବ୍ୟଦର୍ଶିନୀ ଟପ୍ପର

ଦେବଗଡ଼,୧୮।୫(ଡି.ଏନ୍.ଏ.)

ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଦେବଗଡ଼ ଜିଲାରେ ପାସ୍ ହାର ୯୬.୯୦ ପ୍ରତିଶତ ରହିଛି। ଜିଲାର ୮୫ ହାଇସ୍କୁଲରେ ୩୪୪୮ ପରୀକ୍ଷାର୍ଥୀ ମାଟ୍ରିକ ଫର୍ମ ଫିଲଅପ କରିଥିବା ବେଳେ ୩୩୯୨ ପରୀକ୍ଷା ଦେଇଥିଲେ । ଏ-୧ ଗ୍ରେଡ଼ରେ ୨୫, ଏ-୨ ଗ୍ରେଡ଼ରେ ୩୪୦, ବି-୧ ଗ୍ରେଡ଼ରେ ୭୫୩ ଏବଂ ବି-୨ ଗ୍ରେଡ଼ରେ ୯୪୮, ସି ଗ୍ରେଡରେ ୭୫୨, ଡି ଗ୍ରେଡରେ ୪୬୪ ଏବଂ ଇ ଗ୍ରେଡରେ ୧୫୯ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଏକ୍ସରେଗୁଲାରରେ ଜିଲାର ୧୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସମସ୍ତ ଛାତ୍ରୀଛାତ୍ର ପାସ୍ କରିଥିବା ଜଣାପଡ଼ିଛି। ରିଆମାଳ ବ୍ଲକ ଆଞ୍ଚଳିକ ହାଇସ୍କୁଲ କୁଶକୁଳିଆର ଛାତ୍ରୀ ରୋପ୍ୟଶ୍ରୀ ପ୍ରିୟଦର୍ଶିନୀ ସାହୁ ୫୬୧ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ପରୀକ୍ଷାରେ ୧୭୨୭ ଛାତ୍ର ଏବଂ ୧୬୧୪ ଛାତ୍ରୀ ପାସ୍ ହୋଇଥିବା ଜଣାପଡ଼ିଛି।



ରୋପ୍ୟଶ୍ରୀ ଦିବ୍ୟଦର୍ଶିନୀ ସାହୁ

# ମନୋହରପୁର-ଝାରସୁଗୁଡ଼ା ୩ୟ ଲାଇନ୍‌ର ଲୋକାର୍ପଣ

**ରାଉରକେଲା ଅଫିସ,୧୮।୫**

ମନୋହରପୁର-ରାଉରକେଲା-ଝାରସୁଗୁଡ଼ା-ଜମଗା ୩ୟ ରେଳ ଲାଇନ୍‌ର ଲୋକାର୍ପଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ପୁରୀ-ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ ସମେତ ଉକ୍ତ ଲାଇନ୍‌ର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ୩ୟ ଲାଇନକୁ ସଂଯୋଗ କରୁଥିବା ଝାରସୁଗୁଡ଼ା, ବାମରା, ରାଜଗାଙ୍ଗପୁର, ରାଉରକେଲା, ବିସ୍ରା, ମନୋହରପୁର, ବଡ଼ବିଲ, ରାଇରଙ୍ଗପୁର ଆଦି ୮ଟି ଷ୍ଟେଶନ୍‌ରେ ଲୋକାର୍ପଣ ଓ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ରାଉରକେଲା ଷ୍ଟେଶନରେ ଷ୍ଟେଶନ ମାଷ୍ଟର ପ୍ରଭାସ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ନିହାର ରାୟ, ସିଆଇଆର୍‌ଏସ୍ ରାଜପାଲ, ଚକ୍ରଧରପୁର ସିନିୟର ଡିସିଏମ୍ ଗଜରାଜ ଚରଣ ସିଂ, ଚନ୍ଦ୍ରଶେଖର, ମହେଶ୍ୱରୀ କୁମାର, ଡି. ସୁନୀଲ ପାଲ, ରାଜେଶ ରୋଶନ, ଅଶୋକ ତିୱାରୀ, ଶ୍ୟାମ ସୋରେନ, ପାନପୋଷ ଭାଜପା ସାଙ୍ଗଠନିକ ଜିଲା ସଭାପତି ଲତିକା ପଟ୍ଟନାୟକ, ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ରାଉରକେଲା ବଣିକ ସଂଘ ସଭାପତି ସୁନୀଲ କୟାଲଙ୍କ ସମେତ ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଉରକେଲା ଡିଏମ୍‌ଓ ଡ. ପ୍ରକାଶ କୁମାରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଫାର୍ମାସିଷ୍ଟ ନରସିଂହ ପାଢ଼ୀ, ସଞ୍ଜୟ ଦାସ ଓ ଏମ୍. ଶ୍ରୀନିବାସ ରାଓ ଉପସ୍ଥିତ ଥିଲେ। ତେବେ ବନ୍ଦେ ଭାରତ ଏକ୍ସପ୍ରେସ ରାଉରକେଲା ଦେଇ ଚଳାଚଳ କରୁ ବୋଲି ରାଉରକେଲା ବଣିକ ସଂଘ ସଭାପତି ସୁନୀଲ କୟାଲ ଓ ପୂର୍ବତନ ସଭାପତି ଶୁଭ ପଟ୍ଟନାୟକ ଦାବି କରିଛନ୍ତି।



ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ରେଲୱେ ଅଧିକାରୀ ଓ ଅନ୍ୟମାନେ।

# ବନ୍ଧମୁଣ୍ଡା-ଜରେଇକେଲା ରାସ୍ତାର ଉନ୍ନତୀକରଣ ହେବ

**ରାଉରକେଲା ଅଫିସ,୧୮।୫**

ରାଉରକେଲା ହକି ଛକ ଭାୟା ବନ୍ଧମୁଣ୍ଡା-ଜରେଇକେଲା ୨୫କି.ମି. ପିଡବ୍ଲ୍ୟୁଡି ରାସ୍ତା ଏନ୍‌ଏଚ-୩୨୦ଡି ଅନ୍ତର୍ଭୁକ୍ତ ହୋଇଛି। ଫଳରେ ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ରାଉରକେଲା ଜାତୀୟ ରାଜପଥ ବିଭାଜନ ପକ୍ଷରୁ ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ସରକାରଙ୍କ ତରଫରୁ ଅନୁଦାନ ରାଶି ମଧ ଅନୁମୋଦନ ସହ ଗତ ୧୫ ତାରିଖରେ ଟେଣ୍ଡର ମଧ କରାଯାଇଛି। ବନ୍ଧମୁଣ୍ଡା-ଜରେଇକେଲା ଦୁଇଥାକିଆ ରାସ୍ତା ନିର୍ମାଣ ଲାଗି ୨୨୨କୋଟି ୬୨ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ବନ୍ଧମୁଣ୍ଡା-ଜରେଇକେଲା ରାସ୍ତା ଝାଡ଼ଖଣ୍ଡକୁ ଓଡିଶା ସହ ଯୋଡିବାରେ କମ୍ ଦୂରବର୍ତ୍ତୀ ରାସ୍ତା। ଏହି ରାସ୍ତା ନିର୍ମାଣ ହେଲେ ଝାଡ଼ଖଣ୍ଡ ଏବଂ ସୁନ୍ଦରଗଡ ଜିଲାର ଲକ୍ଷାଧିକ ଲୋକ ଉପକୃତ ହେବେ।

ଦୀର୍ଘବର୍ଷ ଧରି ବନ୍ଧମୁଣ୍ଡା-ଜରେଇକେଲା ରାସ୍ତାର ଉନ୍ନତୀକରଣ ହେଉ ନ ଥିବା ଯୋଗୁ ରାସ୍ତାଟି ଦୁର୍ଗମ ହୋଇ ପଡିଥିଲା। ରାଉରକେଲା ହକି ଛକ ଭାୟା ବନ୍ଧମୁଣ୍ଡା ଦେଇ ଜରେଇକେଲାର ଦୂରତା ୩୫କିମି ପରେ ଝାଡ଼ଖଣ୍ଡ ସୀମା ଆରମ୍ଭ ହେଉଛି। ଦୀର୍ଘ ୮/୧୦ ବର୍ଷ ପରେ ପ୍ରଥମ କରି ରାଉରକେଲା ଜାତୀୟ ରାଜପଥ ବିଭାଜନ ରାସ୍ତାକାମ ହାତକୁ ନେବା ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ରାସ୍ତା ପ୍ରଶସ୍ତୀକରଣ ଲାଗି ବିସ୍ରା ବ୍ଲକର ଜରେଇକେଲା, ଭାକୁପାଲି, ଭାଲୁଲତା ଆଦି ଅନେକ ଗ୍ରାମର ଜମି ଓ ଘରବାଡି ଅଧିକରଣ ହେବାକୁ ରହିଛି। ଏହାସହ ବୃକ୍ଷ କାଟିବା ପାଇଁ ବନ ବିଭାଗର ଅନୁମୋଦନ ଲୋଡାଯାଇଛି। ବନ୍ଧମୁଣ୍ଡା-ଜରେଇକେଲା ରାସ୍ତାର ପ୍ରଶସ୍ତୀକରଣ ହେଲେ ଝାଡ଼ଖଣ୍ଡ ଏବଂ ଓଡିଶା ମଧ୍ୟରେ ବ୍ୟବସାୟିକ, ସାମାଜିକ ଓ ଅର୍ଥନୈତିକ ସମ୍ପର୍କ ଆହୁରି ସୁଦୃଢ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏ ନେଇ ରାଉରକେଲା ରାଜପଥ ବିଭାଗ ଆସିଷ୍ଟାଣ୍ଟ ଇଞ୍ଜିନିୟର ଦେବସ୍ମିତା ତ୍ରିପାଠୀଙ୍କୁ ପଚାରିବାରୁ ପ୍ରାୟ ୮/୧୦ବର୍ଷ ପରେ ପ୍ରଥମ କରି ଆମ ବିଭାଗ ହାତକୁ ଉକ୍ତ ରାସ୍ତାକାମ ଆସିଛି। କାମ ଯେଭଳି ନିରବଚ୍ଛିନ୍ନ ଭାବେ ଚାଲିବ ସେ ନେଇ ବିଭାଗ ସହ ଆଲୋଚନା କରାଯାଉଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ବିସ୍ରା ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁଙ୍କୁ ପଚାରିବାରୁ ଏନଏଚ୍ ବିଭାଗକୁ ଜମି ଅଧିଗ୍ରହଣ ରିପୋର୍ଟ ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ।

## ବିଦ୍ୟୁତ୍ କାଟ୍, ଜନଜୀବନ ଅସ୍ତବ୍ୟସ୍ତ

**ରାଉରକେଲା ଅଫିସ,୧୮।୫**

ବିଦ୍ୟୁତ୍ ଟ୍ରାନ୍ସଫର୍ମର ମରାମତି ନାଁରେ ଗୁରୁବାର ସକାଳ ସାଢେ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାଉରକେଲା ବିସ୍ରା ଛକଠାରୁ ଉଦିତନଗର ମୁଖ୍ୟମାର୍ଗ ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ କାଟି ଦିଆଯାଇଥିଲା। ଫଳରେ ଲୋକମାନେ ପ୍ରବଳ ଗରମରେ ଅସ୍ତବ୍ୟସ୍ତ ହୋଇପଡିଥିଲେ। ଏବେ ରାଉରକେଲା ସହରର ତାପମାତ୍ରା ୪୪ ଡିଗ୍ରୀ ରହୁଛି। ଏଭଳି ପ୍ରବଳ ତାତିରେ ବିଦ୍ୟୁତ୍ କାଟ୍ ଯୋଗୁ ରାଉରକେଲା ମୁଖ୍ୟମାର୍ଗ ସ୍ଥିତ ପାୱାର ହାଉସ ରୋଡ, ମାଲଗୋଦାମ, ଡେଲିମାର୍କେଟ, ଉଦିତନଗର, ଆମ୍ବେଦକର ଛକର ଲୋକମାନେ ଗରମରେ ହଇରାଣ ହୋଇଥିଲେ।

## ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ରାଉରକେଲା ଅଫିସ,୧୮।୫**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବଲଣ୍ଡା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପିଟର ତିର୍କୀ(୪୪)। ଏ ନେଇ ବ୍ରାହ୍ମଣୀତରଙ୍ଗ ପୋଲିସ ଏକ ମାମଲା (ନଂ.୨୪।୨୩) ରୁଜୁ କରି ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ତେବେ ଅଂଶୁଘାତରେ ପିଟରଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ପିଟର ଗତ ୧୬ ତାରିଖ ସକାଳେ ଘର ପାଖ ଜଙ୍ଗଲକୁ ଚାରକୋଳି ତୋଳିବାକୁ ଯାଇ ଅପରାହ୍ଣ ସାଢେ ୪ଟାରେ ଘରକୁ ଫେରିଥିଲେ। ଘରେ ପହଞ୍ଚିବା ପରେ ସେ ଅସୁସ୍ଥ ହୋଇପଡିଥିଲେ। ୧୭ ତାରିଖରେ ତାଙ୍କୁ ଆର୍‌ଜିଏଚ୍‌ରେ ଥିବା ଅଂଶୁଘାତ କକ୍ଷରେ ଭର୍ତ୍ତି କରାଯାଇଥିଲା। ଦିନ ରାତି ସାଢେ ୧୨ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ତାତିରେ ମାନ୍ଦା ଫୁଲ ବ୍ୟବସାୟ

**ରାଉରକେଲା ଅଫିସ,୧୮।୫**

ରାଉରକେଲା ସହରରେ ପ୍ରବଳ ତାତି ଯୋଗୁ ଫୁଲ ଶୁଖିଯାଉଛି । ଫଳରେ ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ହୋଇପଡ଼ିଛି। ସହରର ୩ ଶହରୁ ଊର୍ଦ୍ଧ୍ୱ ସ୍ଥାନରେ ଫୁଲ ବ୍ୟବସାୟ ହୋଇଥାଏ। ହେଲେ ଖରା ଯୋଗୁ ଏବେ ଫୁଲର ଚାହିଦା କମିଛି। ସହରର ବିଭିନ୍ନ ଧାର୍ମିକ ସ୍ଥଳରେ ଲୋକମାନେ ଆଉ ଆଗଭଳି ଫୁଲ ଚଢାଉ ନ ଥିବାରୁ ଧାର୍ମିକ ସ୍ଥଳରେ ଫୁଲର ମହକ ପୂର୍ବଭଳି ଆଉ ଦେଖିବାକୁ ମିଳୁନାହିଁ। ବିବାହ ଉତ୍ସବ, ବିଭିନ୍ନ କାର୍ଯ୍ୟକ୍ରମରେ ସ୍ୱାଗତ ଜଣାଇବା ପାଇଁ ମଧ ଫୁଲର ଆବଶ୍ୟକତା ପଡ଼ିଥାଏ। ବିଶେଷ କରି ଗୋଲାପ, ଗେଣ୍ଡୁ, ରଜନୀ ଗନ୍ଧା, ଗିଲାଡି, ସୂର୍ଯ୍ୟମୁଖି, ଗୁଲୁବାର, ରଡ଼, ମନ୍ଦାର, କଇଁ ପ୍ରମୁଖ ବିକ୍ରି ହୋଇଥିଏ। ସୂର୍ଯ୍ୟମୁଖି, ମନ୍ଦାର, କଇଁ ଆଦି ଫୁଲ ସ୍ଥାନୀୟ ଅଞ୍ଚଳରୁ ଆସୁଥିବା ବେଳେ ଅନ୍ୟ ସମସ୍ତ ଫୁଲ ବାଙ୍ଗାଲୋର, କଲିକତା ଏବଂ ରାୟପୁର ଆଦି ଦୂରଦୂରାନ୍ତରୁ ଆସିଥାଏ। ବର୍ତ୍ତମାନ ବିବାହ କାଳୀନ ମୁହୂର୍ତ୍ତରେ ତଥା ପୂଜାପର୍ବାଣୀ ସମୟରେ ସହରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଫୁଲ ଶୁଖିଯାଉଛି। ଯାହାଫ ବି ଫୁଲ ରହୁଛି ସେ ସବୁ ଉଚ୍ଚା ଦରରେ ବିକ୍ରି ହେଉଛି। ଫଳରେ ଲୋକେମାନେ ଆଉ ଫୁଲ ପ୍ରତି ଆଗ୍ରହ ଦେଖାଉ ନାହାଁନ୍ତି। ଏନେଇ ରାଉରକେଲା ସେକ୍ଟର-୨ ଛକ ଫୁଲ ବ୍ୟବସାୟୀ ଶୁକଦେବ ରାଉତଙ୍କୁ ପଚାରିବାରୁ ମାସକ ମଧରେ ମୋର ୫୦ହଜାର ଟଙ୍କାର ଫୁଲ ପ୍ରବଳ ଗରମ ଯୋଗୁଁ ନଷ୍ଟ ହୋଇଯାଇଛି। ବାଙ୍ଗାଲୋର, କଲିକତା ଓ ରାୟପୁରରୁ ଲକ୍ଷାଧିକ ଟଙ୍କାର ଫୁଲ ଆଣିଥିଲି। ମାତ୍ର ସବୁ ଖରାରେ ଶୁଖିଯାଇଛି। ଗୋଟିଏ ପଟେ ଫୁଲ ବାବଦୀୟ ମୂଳରାଶି ଫେରୁନଥିବା ବେଳେ ଫୁଲଗୁଚ୍ଛ, ଫୁଲମାଳା ନିର୍ମାଣ ପାଇଁ ନିୟୋଜିତ ଶ୍ରମିକଙ୍କ ଦେୟ ରାଶି ପ୍ରଦାନରେ କଷ୍ଟ ହେଉଛି। ରାଉରକେଲାରେ ବର୍ତ୍ତମାନ ଫୁଲ ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ପଡ଼ି ଯାଇଥିବା କହିଛନ୍ତି। ଏନେଇ ହନୁମାନବାଟିକା ଶିବ ମନ୍ଦିରର ପୂଜକ ଶରତ ମିଶ୍ର କୁହନ୍ତି, ପ୍ରବଳ ଗରମ ଯୋଗୁ ଫୁଲ ଶୁଖିଯାଉଛି। ଫଳରେ ଫୁଲ ଦର ଆକାଶ ଛୁଆଁ ହୋଇଛି। ତେଣୁ ଶ୍ରଦ୍ଧାଳୁମାନେ ଆଗଭଳି ଆଉ ମନ୍ଦିରକୁ ଫୁଲ ଆଣୁ ନାହାଁନ୍ତି।



ବିଜୁ ପଟ୍ଟନାୟକ ଛକରେ ଜଣେ ବ୍ୟବସାୟୀ ଫୁଲମାଳ ପ୍ରସ୍ତୁତ କରୁଛନ୍ତି।

# ଆର୍‌ଏସ୍‌ପିକୁ ୬ ପୁରସ୍କାର ଲାଭ

**ରାଉରକେଲା ଅଫିସ,୧୮।୫**

ଆରଏସପିର କର୍ମଚାରୀମାନେ ରାଞ୍ଚି ସ୍ଥିତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶର ଯୁଗ୍ମ କମିଟିର ଦ୍ୱାରା ପ୍ରଦତ୍ତ ଇସ୍ପାତ ସୁରକ୍ଷା ପୁରସ୍କାର ଅଧୀନସ୍ଥ ବିଭିନ୍ନ ବର୍ଗରେ ୬ଟି ପୁରସ୍କାର ହାସଲ କରିଛନ୍ତି। ସୁରକ୍ଷା ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ବର୍ଗରେ ଏସଏମଏସ-୧ ବିଭାଗ ସିନିୟର ଟେକ୍ନିସିଆନ ମାନସ ରଞ୍ଜନ ବେହେରା, କୋକ ଓଭେନ ବିଭାଗର ଓସିଟି ଦୀପକ କୁମାର ଦେ ଏବଂ ପାଇପ୍ ପ୍ଲାଣ୍ଟ ବିଭାଗର ସିନିୟର ଅପରେଟର ବାଦଲ କୁମାର କରଙ୍କୁ ପ୍ରଥମ ପୁରସ୍କାର ମିଳିଥିଲା। ଅତିରିକ୍ତ ଭାବେ ମାନସ ରଞ୍ଜନ ବେହେରା ମଧ ସୁରକ୍ଷା କ୍ୟାଲେଣ୍ଡର ଡିଜାଇନ ପ୍ରତିଯୋଗିତାରେ ୨ୟ ପୁରସ୍କାର ଲାଭ କରିଛନ୍ତି। ଗୁରୁବାର ଇଡି (ୱାର୍କସ) ସମ୍ମିଳନୀ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ଇଡି ଏସ୍. ଆର. ସୂର୍ଯ୍ୟବଂଶୀ ଆରଏସପି କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କାରଖାନାର ବହୁ ମୁଖ୍ୟ ମହା ପ୍ରବନ୍ଧକ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୁରକ୍ଷା ବିଭାଗ ଜିଏମ ଇନଚାର୍ଜ ଆଶା କାର୍ଥା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ, ଜେସିଏସଏସଆଇ ହେଉଛି ୨୦ଟି ସରକାରୀ ଓ ବେସରକାରୀ କ୍ଷେତ୍ରରେ ଇସ୍ପାତ କମ୍ପାନୀ ଗୁଡିକର ପ୍ରବନ୍ଧନ ଓ ଟ୍ରେଡ ୟୁନିୟନଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ଜାତୀୟ ସ୍ତରର ଦ୍ୱୀପାକ୍ଷିକ ଫୋରମ୍। ଜେସିଏସଏସଆଇ ସଦସ୍ୟ ସଙ୍ଗଠନର କର୍ମଚାରୀଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି ଓ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରତିଯୋଗିତାମାନ ଆୟୋଜନ କରୁଛି। ପୁରସ୍କାର ବିତରଣ ସମାରୋହରେ ଇଡି (ୱାର୍କସ) ନିଶ୍ଚୟ ପ୍ରୟାସ ସୁରକ୍ଷା ପୋର୍ଟାଲ ମଧ ଶୁଭାରମ୍ଭ କରିଥିଲେ। ସି ଆଣ୍ଡ୍ ଆଇଟି ବିଭାଗର ସିଜିଏମ କେ. କେ. ସେନଗୁପ୍ତା ଏହି ନୂତନ ଡିଜିଟାଲ ପଦକ୍ଷେପର ଏକ ସାମଗ୍ରିକ ରୂପରେଖ ପ୍ରଦାନ କରିଥିଲେ। ଯାହା ବର୍ତ୍ତମାନ ଆରଏସପି ଇନଟ୍ରାନେଟ ମାଧ୍ୟମରେ ଉପଲବ୍ଧ ହୋଇଛି। ଉପସ୍ଥାପନା ସମୟରେ ଏହାର ମୁଖ୍ୟ ବୈଶିଷ୍ଟ ଗୁଡିକ ବିଷୟରେ ସି ଆଣ୍ଡ୍ ଆଇଟି ବିଭାଗର ଏଜିଏମ୍ ଭି. ପି. ଆର୍ଯ୍ୟ ଉଲ୍ଲେଖ କରିଥିଲେ। ପୋର୍ଟାଲର ବିକାଶରେ ତାଙ୍କ ପ୍ରଶଂସନୀୟ ଯୋଗଦାନ ପାଇଁ ଇଡି(ୱାର୍କସ) ଆର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସମେତ ଇ ଏଣ୍ଡ ୱାଇର ପରାମର୍ଶଦାତା ପ୍ରୀତମ ଦାଶ ନିଶ୍ଚୟ ପ୍ରକଳ୍ପର ବିବିଧ ସୂକ୍ଷ୍ମ ବିଷୟାବଳୀ ଉପରେ ଏକ ସଂକ୍ଷିପ୍ତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଯାହା କାରଖାନାକୁ ଏକ ଶୂନ୍ୟ ଶାରୀରିକ କ୍ଷତି ସଂସ୍ଥା ଭାବରେ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି।




ସୂର୍ଯ୍ୟବଂଶୀଙ୍କ ସହିତ ବିଜେତାମାନେ ।

## ସଂକ୍ଷେପରେ

### ରୋଶନ ଦାସ ୯୦ % ରଖି ବ୍ଲକ ଟପ୍ପର

**କୋକସରା,୧୮।୫(ଡି.ଏନ.ଏ.):** ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲେମେଂଟିଭ-୨ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଢ଼ାରଜା ନୋଡାଲ ହାଇସ୍କୁଲର ଛାତ୍ର ରୋଶନ ଦାସ ୫୪୦ ମାର୍କ ରଖି ବ୍ଲକର ଟପ୍ପର ହୋଇଛନ୍ତି। ସେ ଆମପାଣି ଗ୍ରାମର ଚକ୍ରପାଣି ଦାସ ଓ ସୁଧାମୟୀ ରଥଙ୍କ ପୁଅ। ବ୍ଲକର ଜଣେ ମାତ୍ର ଛାତ୍ର ୯୦ ପ୍ରତିଶତ ମାର୍କ ରଖିଥିବା ଜଣାପଡିଛି। ଛାତ୍ରଙ୍କ ସଫଳତାକୁ ନେଇ ବୁଢ଼ାରଜା ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗ୍ୟବାନ ବାଗଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ରୋଶନ ଦାସ

### ଜମିହରା ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ

**କୋକସରା,୧୮।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କେନାଲ ପାଇଁ ଜମି ହରାଇଥିବା ବ୍ଲକର ବଡ଼ପୋଡ଼ାଗୁଡା ପଞ୍ଚାୟତ ପୋଡ଼ାଗୁଡା ଗ୍ରାମର ଜମିହରାଙ୍କୁ ଦୀର୍ଘ ବର୍ଷ ପରେ ଗୁରୁବାର କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇଛି। ୨୦୦୮-୯ରେ ଜଟାଖଲିଆ ଚେକଡ୍ୟାମ କେନାଲ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ ହୋଇଥିଲା। ଏଥିରେ ପୋଡ଼ାଗୁଡା ଗ୍ରାମର କିଛି ଚାଷୀଙ୍କ ଜମି ଅଧିଗ୍ରହଣ ହୋଇଥିଲା। ତେବେ ଦୀର୍ଘ ବର୍ଷ ଧରି କ୍ଷତିପୂରଣ ଅର୍ଥ ପାଇବାରେ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁଥିଲେ। ହେଲେ କ୍ଷତିପୂରଣ ରାଶି ପାଇବାରେ ଅସମର୍ଥ ହେଉଥିଲେ। ତେବେ ଜୟପାଟଣା ସହକାରୀ ଯନ୍ତ୍ରୀଙ୍କ ଉଦ୍ୟମକ୍ରମେ ଜମିହରା ଚାଷୀମାନେ ଦୀର୍ଘ ବର୍ଷ ପରେ କ୍ଷତିପୂରଣ ରାଶି ପାଇଛନ୍ତି। ଗୁରୁବାର ତହସିଲ କାର୍ଯ୍ୟାଳୟରେ ତହସିଲଦାର ଦେବବ୍ରତ କରାଟିଙ୍କ ଉପସ୍ଥିତିରେ କ୍ଷୁଦ୍ର ଜଳସେଚନ ବିଭାଗ ଜୟପାଟଣା ସହକାରୀ ଯନ୍ତ୍ରୀ ଜମିହରା ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିଛନ୍ତି। ଦୀର୍ଘବର୍ଷ ପରେ ଜମି ହରାଇଥିବା ଚାଷୀମାନେ କ୍ଷତିପୂରଣ ରାଶି ପାଇବା ପରେ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ପିଡିଏସ ସାମଗ୍ରୀ ଆଣିବାକୁ ଯାଇ ଅଂଶୁଘାତର ଶିକାର



**ଖଡ଼ିଆଲ,୧୮।୫(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ରାଣୀମୁଣ୍ଡା ପଞ୍ଚାୟତ ମହୁଲକୋଟ ଗ୍ରାମର ଜଣେ ବୃଦ୍ଧା ପିଡିଏସ ସାମଗ୍ରୀ ଆଣିବାକୁ ଯାଇ କୋଟାମାଲଠାରେ ଅଂଶୁଘାତର ଶିକାର ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ସେଠାରୁ ଆଣି କରି ଚିକିତ୍ସା କରୁଥିବା ଜଣାପଡ଼ିଛି। ମହୁଲକୋଟ ଗ୍ରାମରୁ ରାଣୀମୁଣ୍ଡା ପଞ୍ଚାୟତ ମହୁଲକୋଟକୁ ୪ କି.ମି. ଦୂରରେ ଅବସ୍ଥିତ। ଗୋଟିଏ ପିଡିଏସ ସବସେଣ୍ଟର ଖୋଲିବାକୁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଛି। ହେଲେ ବ୍ଲକ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମବାସୀମାନଙ୍କୁ ପିଡ଼ିଏସ ସାମଗ୍ରୀ ପାଇଁ ଅନେକ ଅସୁବିଧା ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଣିମୁଣ୍ଡା ସରପଞ୍ଚ ତୁକାରାମ ହିଆଲ ରାଣିମୁଣ୍ଡା, ପଲମା, କମ୍ପାନୀଗୁମା ଓ କୋଟାମାଲ ଗ୍ରାମକୁ ରାଣିମୁଣ୍ଡା ସବସେଣ୍ଟର ଏବଂ ମହୁଲକୋଟ ଓ ସମାଡପଦରକୁ ନେଇ ଅନ୍ୟ ଏକ ନୂଆ ସବସେଣ୍ଟର ଖୋଲିବାକୁ ଦାବି କରି ଯୋଗାଣ ବିଭାଗଙ୍କୁ ଲିଖିତ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ନେଇ ପ୍ରତିକ୍ରିୟା ରଖିଛନ୍ତି।

# ବୋଲେରୋ-ବାଇକ୍ ଧକ୍କା, ଯୁବକ ମୃତ

**କ୍ଷତିପୂରଣ ଦାବିରେ ୪ ଘଣ୍ଟା ରାସ୍ତା ଅବରୋଧ**

ନୂଆପଡ଼ା ଅଫିସ,୧୮।୫

ନୂଆପଡା ସଦର ବ୍ଲକ ଖୁଟମନ ଭେରା ପଞ୍ଚାୟତ ପଥରପୁଞ୍ଜି ଛକଠାରେ ନୂଆପଡା-ପତୋରା ରାସ୍ତାରେ ବୋଲେରୋ ବାଇକ୍ ମୁହାମୁହିଁ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧରମବନ୍ଧା ଗାଁର ତୁକେଶ୍ୱର ଦଣ୍ଡସେନା (୨୧)। ସ୍ଥାନୀୟ ଲୋକେ ଓ ଧରମବନ୍ଧାବାସୀ ଉତ୍ତ୍ୟକ୍ତ ହୋଇ କ୍ଷତିପୂରଣ ଦାବିରେ ନୂଆପଡା-ପତୋରା ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ୪ ଘଣ୍ଟା ପରେ ଘଟଣାସ୍ଥଳରେ ନୂଆପଡା ତହସିଲଦାର ଅଶୋକ ମିଶ୍ର ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଧାରଣାକାରୀ ମୃତକ ପରିବାରଙ୍କୁ ୫ ଲକ୍ଷ ଟଙ୍କା ସହାୟତା ଓ ପରିବାରର ଜଣଙ୍କୁ ସରକାରୀ ଚାକିରି ଦେବା ପାଇଁ ଦାବି କରିଥିଲେ। ମୃତକ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିବା ସହ ସରକାରୀ ସୁବିଧା ଯାହା ଅଛି ପ୍ରଦାନ କରାଯିବ ଓ ୫ ଲକ୍ଷ ଟଙ୍କା ଦାବି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବି ବୋଲି ତହସିଲଦାର ମିଶ୍ର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ ତୁକେଶ୍ୱର ଏକ ବାଇକ୍ (ନଂ.ଓଡି୨୬ଡି-୦୫୪୨) ଯୋଗେ ନୂଆପଡା ପଟୁ ଧରବନ୍ଧାକୁ ଯାଉଥିଲେ। ପତୋରାପଟୁ ଆସୁଥିବା ବୋଲେରୋ (ନଂ. ଓଆର୦୩ଇ ୯୩୦୫) ମଧ୍ୟରେ ମୁହାମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳର ଲୋକ ପତୋରା ଯୁଗେଶ୍ୱର ମନ୍ଦିରକୁ ଦର୍ଶନ କରି ଫେରୁଥିବା ସମୟରେ ଏହି ଘଟଣା ଘଟିଛି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି। ଶୁକ୍ରବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଧରବନ୍ଧା ଥାନା ଅଧିକାରୀ ବିନୋଦ ବିହାରୀ ସେଠୀ ସୂଚନା ଦେଇଛନ୍ତି।


ସ୍ଥାନୀୟ ଲୋକେ କ୍ଷତିପୂରଣ ପାଇଁ ରାସ୍ତା ଅବରୋଧ କରିଛନ୍ତି।


ତୁକେଶ୍ୱର ଦଣ୍ଡସେନାଙ୍କ ଫାଇଲ ଫଟୋ।

# ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ ନୂଆପଡ଼ାକୁ ସ୍ୱର୍ଣ୍ଣ


ନୂଆପଡ଼ା କରାଟେ ଦଳ।

ନୂଆପଡ଼ା ଅଫିସ,୧୮।୫

ନୂଆପଡା ସଦର ବ୍ଲକ ସାହିପାଲା ଗାଁର ପୁରୁଷୋତମ ଗଉଡ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇ ଜିଲା ପାଇଁ ଗୌରବ ଆଣିଛନ୍ତି। ସୂଚନା ଅନୁସାରେ ଝାରଖଣ୍ଡର ସେଏକୋ କାଇ କରାଟେଡୁ ଇଣ୍ଟର ନ୍ୟାଶନାଲ ଝାରଖଣ୍ଡ ଖେଲଗାଁ ଇନ୍ଦୋର ଷ୍ଟାଡିୟମଠାରେ ଗତ ୧୩ ଓ ୧୪ ଦୁଇ ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ନୂଆପଡା ଓ ବରଗଡ ଜିଲାର ୧୧ଜଣ ପ୍ରତିଯୋଗି ଭାଗ ନେଇଥିଲେ। ରାଜ୍ୟ କୋଟା କା-ହା ସିତୋରିୟୁ କରାଟେ ଆସୋସିଏସନ ଓଡିଶା ପକ୍ଷରୁ ନୂଆପଡା ସାହୁ ସମାଜ ଖରିଆର ରୋଡଠାରେ ଥିବା କରାଟେ ଟ୍ରେନିଂ ସେଣ୍ଟରରୁ ୭ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପୁରୁଷୋତମ ଗଉଡ, ସାନିୟା ସାହୁ, ଯାମିନି ସାହୁ, ଈଶ୍ୱରିୟା ସତନାମୀ, ଯୁଗଳ କିଶୋର ପାଣ୍ଡେ, ତେଜଗିରି ଗୋସ୍ୱାମୀ, ସେଇକ ପରୱାଜ ମହମ୍ମଦ, ବିକାଶ ମାଝି ପ୍ରମୁଖ କରାଟେ ଓ କୋଟାରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ଆଣିଛନ୍ତି। କୋଚ ରେନସି କାବୁଲି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ରାଞ୍ଚି ଯାଇଥିଲେ। ସେଠାରୁ ଫେରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଉପ ଜିଲାପାଳ ସୁବାଷ ଚନ୍ଦ୍ର ରଇତାଙ୍କୁ ସାକ୍ଷାତ କରିଥିଲେ। ସ୍ୱର୍ଣ୍ଣ ପଦକ ବିଜେତା ଦଳକୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ କରାଟେର ଉନ୍ନତି ପାଇଁ ଚେଷ୍ଟା କରାଯିବ ବୋଲି କହିଥିଲେ। ପୁରୁଷୋତମ ଗଉଡ ୨ ଥର ଆନ୍ତର୍ଜାତୀୟ, ୪ ଥର ଜାତୀୟ, ୫ଥର ରାଜ୍ୟସ୍ତରରେ ପୁରସ୍କୃତ ହୋଇ ଜିଲା ପାଇଁ ଗୌରବ ଆଣିଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ବଲାଙ୍ଗୀର ଜିଲାର ପାସ୍ ହାର ୯୬.୩୭ ପ୍ରତିଶତ

**ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ**

- ୬୫ ଛାତ୍ରୀଛାତ୍ର ଗ୍ରେଡ୍ ଏ-୧

ବଲାଙ୍ଗୀର ଅଫିସ,୧୮।୫

ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ବଲାଙ୍ଗୀର ଜିଲାର ୯୬.୩୭ ପ୍ରତିଶତ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ଜିଲାର ପାସ୍ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୫ ଜଣ ଏ-ୱାନ୍, ୧୩୨୮ ଜଣ ଏ-ଟୁ, ୪୭୭୦ ଜଣ ବି-ୱାନ୍, ୬୪୪୦ ଜଣ ବି-ଟୁ, ୫୪୨୦ ଜଣ ସି, ୩୨୯୭ ଜଣ ଡି ଏବଂ ୧୮୩୬ ଜଣ ଇ-ଗ୍ରେଡ୍‌ରେ ପାସ୍ କରିଛନ୍ତି। ସମଗ୍ର ଜିଲାର ୨୩ ହଜାର ୧୫୬ ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ତେବେ ୩୭୩ ଜଣ ଏଫ୍ ଗ୍ରେଡ ପାଇ ଅକୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ଚଳିତବର୍ଷ ବଲାଙ୍ଗୀର ଜିଲାର ୩୬୫ଟି ହାଇସ୍କୁଲ ପାଇଁ ୧୭୭ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ହୋଇଥିଲା। ଜିଲାର ସମୁଦାୟ ୨୫ ହଜାର ୬୩ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଥିରେ ୨୪୦୨୧ ଜଣ ରେଗୁଲାର ପରୀକ୍ଷାର୍ଥୀ, ୬୨୪ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ, ୧୫୨ ଜଣ ମଧ୍ୟମା ରେଗୁଲାର ଏବଂ ଏକ୍ସରେଗୁଲାର, ୨୫୬ ଜଣ ରାଜ୍ୟ ମୁକ୍ତ ସ୍କୁଲ କୋର୍ସ ପରୀକ୍ଷାର୍ଥୀ ଏବଂ ୧୦ ଜଣ କରସପଣ୍ଡେସ୍ କୋର୍ସ ପରୀକ୍ଷାର୍ଥୀ ରହିଥିଲେ। ବଲାଙ୍ଗୀର ଜିଲା ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଯଶବର୍ଦ୍ଧନ ମହାକୁର ୯୬.୫ ପ୍ରତିଶତ (୫୭୯) ମାର୍କ ରଖି ଜିଲାରେ ସର୍ବାଧିକ ମାର୍କ ରଖିଛନ୍ତି। ଏହାପରେ ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଶୁଭଶ୍ରୀ ବୁଡେକ ୯୫.୩ ପ୍ରତିଶତ (୫୭୨) ମାର୍କ ରଖିଛନ୍ତି। ଗୁଡଭେଲା ବ୍ଲକ୍ ଦେମୁହାଣସ୍ଥିତ ସ୍ୱସ୍ତି ବିଦ୍ୟାପୀଠର ଦେବେଶ ସାହୁ ୯୪.୮ ପ୍ରତିଶତ (୫୬୯) ମାର୍କ ରଖିଛନ୍ତି। ପାଟଣାଗଡ ବ୍ଲକ୍ ଭରତବାହାଲ ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ପ୍ରତିମା ମେହେର ୯୪.୩ (୫୬୬) ମାର୍କ ରଖିଛନ୍ତି। ବଲାଙ୍ଗୀର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଶ୍ୟାମ ସୁନ୍ଦର ମେହେର (୫୬୫) ୯୪.୧ ପ୍ରତିଶତ ମାର୍କ ରଖିଛନ୍ତି। ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ପାଶ୍ କରିଥିବା ଛାତ୍ରୀଛାତ୍ର ମହଲରେ ଖୁସିର ଲହରି ଖେଳିଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ପ୍ରଶାନ୍ତ


@ ପ୍ରିୟାଂଶୁ


@ ସତ୍ୟବାନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବନ୍ଦେ ଭାରତ ଏକ୍ସପ୍ରେସ୍ ଉଦ୍‌ଘାଟନର ସିଧାପ୍ରସାରଣ ଦେଖିଲେ ଲୋକେ

ନୂଆପଡ଼ା ଅଫିସ,୧୮।୫

ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡରେ ଓଡିଶାର ବିଭିନ୍ନ ଭିତ୍ତିଭୂମି ସ୍ଥାପନ ଓ ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍ ଉଦଘାଟନ କାର୍ଯ୍ୟକ୍ରମ ନୂଆପଡା ଜିଲା ଖରିଆର ରୋଡ ରେଳଷ୍ଟେଶନଠାରେ ଜିଲା ଭାଜପା ଓ ସମ୍ବଲପୁର ରେଳ ବିଭାଗ ପକ୍ଷରୁ ଆୟୋଜନ କରି ସିଧା ପ୍ରସାରଣ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଓ ସମ୍ବଲପୁର ରେଳ ବିଭାଗ ଏସଆରଡିଇଏନ ସଂଯୋଜକ ତାତୁ ୱାଦର୍ଶ ଓ ଗୋଲଡି ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ନୂତନ ଭାବେ ନିର୍ମାଣ ହୋଇଥିବା ରେଳ ଲାଇନ, ହେବାକୁ ଥିବା ରେଳ ଲାଇନ, ରେଳ ଚଳାଚଳ ଓ ଖର୍ଚ୍ଚ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଆଇନଜୀବୀ ଭବାନୀପାଟଣା ବିନୋଦ କୁମାର ଶର୍ମା ମଞ୍ଚ ପରିଚାଳନା କରିଥିଲେ। ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନ, ଖରିଆର ରୋଡ ପରିଷଦ ଉପାଧ୍ୟକ୍ଷ ନିଶାନ୍ତ ଡାଗା, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ଭାଜପା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, ସନ୍ଦିପ ଶର୍ମା, ବଂଶିଲାଲ ଡାଗା, ରାମେଶ ରାଠୋର, ମୁରଲି ମଲାନୀ, ଇକବାଲ ସିଂ ଗୁରୁଦତା, ପପି ଭାଇ, ଚତୁର୍ଭୂଜ ଶର୍ମା, ବିଜୟ ଚନ୍ଦ୍ରପାର, ଚନ୍ଦନ ଠାକୁର ପ୍ରମୁଖ ଉପସ୍ଥିତ ଥିଲେ।


ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ବିଜେଡି ରାଜ୍ୟ ସମ୍ପାଦକଙ୍କ ମ. ରାମପୁର ଗସ୍ତ


ବିଜେଡି ରାଜ୍ୟ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆଲୋଚନା କରୁଛନ୍ତି।

ମ.ରାମପୁର,୧୮।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ. ରାମପୁର ଗସ୍ତ କରିଛନ୍ତି ବିଜେଡି ରାଜ୍ୟ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ଗୁରୁବାର ସେ ସ୍ଥାନୀୟ ନେତାଙ୍କୁ ନେଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଉଚ୍ଚ ବିଦ୍ୟାପୀଠ, ହରିହର ସାଗର୍ଟ, ସନ୍ଧୁଲ୍ ସେଚ ପ୍ରକଳ୍ପ, ବସଷ୍ଟାଣ୍ଡ ପରିଦର୍ଶନ କରିଥିଲେ। ଏଥିରେ ବିଧାୟକ ଭୂପିନ୍ଦର ସିଂହ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ (ମ.ରାମପୁର), ବ୍ଲକ ପାର୍ଟି ସଭାପତି ଗୋବିନ୍ଦ ଶତପଥି, ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହ ଦେଓ, ସରପଞ୍ଚ ସତ୍ୟ ସାହୁ, ଆଇନଜୀବୀ ରାକେଶ ଶତପଥି, ଜୟ ସିଂଦେଓ ସାମିଲ୍ ହେଇ ଦଶ ଦଫା ଦାବି ଉପରେ କହି ଦେଖଇଥିଲେ।

# ହରିଶଙ୍କରରେ ଦେବୋତ୍ତର କମିଟି ବୈଠକ

ଖପ୍ରାଖୋଲ,୧୮।୫(ଡି.ଏନ.ଏ.)

ଖପ୍ରାଖୋଲ ବ୍ଲକ ହରିଶଙ୍କର ପର୍ଯ୍ୟଟକ ଅଭ୍ୟର୍ଥନା କେନ୍ଦ୍ରଠାରେ ପାଟଣାଗଡ ଉପଖଣ୍ଡ ଦେବୋତ୍ତର କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାଟଣାଗଡ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ ବିଜୟାନନ୍ଦ ସେଠୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଆସନ୍ତା ଶୀତଳ ଷଷ୍ଠୀ ଓ ରଥଯାତ୍ରା କିଭଳି ପାଳନ କରାଯିବ ସେ ଉପରେ ଆଲୋଚନା କରାଯିବା ସହ ହରିଶଙ୍କରରେ ବ୍ୟବସାୟୀମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା। ଉନ୍ନୟନ କାମ ଚାଲୁଥିବାରୁ ବେପାରୀ ମାନଙ୍କୁ କିଭଳି ଥଇଥାନ କରି ନୂତନ ଦୋକାନ ଗୃହରେ ଥଇଥାନ କରାଯିବ ସେନେଇ ବଣିକ ସଂଘ ସଦସ୍ୟଙ୍କ ସହ ଆଲୋଚନା ହୋଇଥିଲା। ବୈଠକରେ ପାଟଣାଗଡ଼ ଏସ ଡିପିଓ ଜ୍ୟୋର୍ତିମୟ ଭୁକ୍ତା, ପାଟଣାଗଡ ତହସିଲଦାର ଲକ୍ଷଣ ମାଝୀ, ପାଟଣାଗଡ଼ ସହକାରୀ ଜିଲାପାଳ ପଦ୍ମନାଭ ମହାରଣା, ଖପ୍ରାଖୋଲ ବିଡ଼ିଓ ବିଜୟ କୁମାର ହୋତା, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ଦେବୋତ୍ତର କମିଟି ସଦସ୍ୟ ସୁନିଲ ଗୋଏଲ, ଅର୍ଜୁନ ଅଗ୍ରୱାଲ, ସଦାଶିବ ସରାଫ, ରାଣା ପ୍ରଧାନ, ଇନ୍ଦୁ ଭୂଷଣ ଠାକୁର, ଅଭୟ ତ୍ରିପାଠୀ, ରୋହିତ ମେହେର, ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ସମେତ ବଣିକ ସଂଘ ସଦସ୍ୟ ଉପସ୍ଥିତ ଥିଲେ। ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ତରବରିଆ କାର୍ଯ୍ୟ

ମ. ରାମପୁର,୧୮।୫(ଡି.ଏନ.ଏ.)

୧୯ ଓ ୨୦ ତାରିଖରେ ୨ ଦିନିଆ କଳାହାଣ୍ଡି ଜିଲା ଗସ୍ତରେ ଆସିବେ ୫-ଟି ସଚିବ ଭି.କେ. ପାଣ୍ଡିୟାନ। ଏହି ଅବସରରେ ମ. ରାମପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ମୋ ହସ୍ପିଟାଲ ଓ ସନ୍ଧୂଲ୍ ନଦିଠାରେ ନିର୍ମାଣାଧୀନ ସେଚ ପ୍ରକଳ୍ପରେ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ମୋ ହସ୍ପିଟାଲଠାରେ ଗୁରୁବାର ତରଆବରିଆ ଭାବେ ନିର୍ମାଣ କାର୍ଯ୍ୟ କରୁଥିବ ଦେଖାଯାଇଛି। ପେଭର୍ ବ୍ଲକ ବିଛା କାର୍ଯ୍ୟରେ ମାଟି, ବାଲି ଲେଭେଲ ପାଇଁ ଭାଇବ୍ରେଟର ବ୍ୟବହାର ନ କରି, ଉପଯୁକ୍ତ ଜଳ ବ୍ୟବହାର ନ କରି ତରବରିଆ ବିଛା ଯାଇଛି। ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ଦେଖାଯାଇଛି। ସଚିବ ଗସ୍ତ ପୂର୍ବଦିନ ଗୁରୁବାର ବିଜେଡି ରାଜ୍ୟ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କ୍ଷେତ୍ର ଗ୍ରସ୍ତ କରିଛନ୍ତି। ତାଙ୍କ ସହିତ ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବିଧାୟକ ଭୂପିନ୍ଦର ସିଂହ, ବିଧାୟକ ଦିବ୍ୟଶଙ୍କର ସିଂହ ମିଶ୍ର ପ୍ରମୁଖ କ୍ଷେତ୍ର ଗ୍ରସ୍ତ କରି ସମୀକ୍ଷା କରିଥିଲେ। ସଚିବ ଶୁକ୍ରବାର ସକାଳେ କେସିଙ୍ଗା ବେଲଖଣ୍ଡି ଶିବ ମନ୍ଦିର ଯାଇ ସେଠାରୁ ପୂର୍ବାହ୍ନ ୧୧.୩୫ରେ ମ. ରାମପୁର ମୋ ହସ୍ପିଟାଲରେ ସମୀକ୍ଷା, ସନ୍ଧୁଲ ସେଚ ପ୍ରକଳ୍ପଠାରେ ୧୧.୫୫ରୁ ମଧ୍ୟାହ୍ନ ୧୨.୧୦ ମିନିଟ ପର୍ଯ୍ୟନ୍ତ ଲୋକଙ୍କ ସହିତ ଆଲୋଚନା କରିବେ। ଏହା ପରେ ନର୍ଲା ଅଭିମୁଖେ ଯିବେ।


ମୋ ହସ୍ପିଟାଲ କାର୍ଯ୍ୟ ଚାଲିଛି।

## ସଂକ୍ଷେପରେ

### କୁତ୍ରାରେ ମାଟ୍ରିକ ପରୀକ୍ଷା ଫଳ ୯୯.୭୦ ପ୍ରତିଶତ

**କୁତ୍ରା,୧୮।୫(ଡି.ଏନ୍.ଏ.):** କୁତ୍ରା ବ୍ଲକରେ ଚଳିତ ବର୍ଷ ୧୦୧୩ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୦୦୮ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବ୍ଲକର ସମୁଦାୟ ୨୦ ବିଦ୍ୟାଳୟରୁ ବି୧ ରେ ୧୨୭, ବି୨ରେ ୩୫୪, ସି ୩୭୬, ଡିରେ ୧୧୧ ଓ ଇରେ ୧୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ୨ ଗ୍ରେଡରେ ୨୧ ଜଣ ପାସ୍ କରିଛନ୍ତି। ଡାହିଜିରା ଆଶ୍ରମ ବାଳିକା ବିଦ୍ୟାଳୟର ଜଣେ, କୁତ୍ରା ଉଚ୍ଚ ବିଦ୍ୟାଳୟର ୧୪, କିରିଙ୍ଗିସେରା ବିଦ୍ୟାଳୟର ଜଣେ, ପଞ୍ଚରା ବାଳିକା ବିଦ୍ୟାଳୟର ଜଣେ, ତରକେରା ବିଦ୍ୟାଳୟର ୨ ଓ କହପାଣି ବିଦ୍ୟାଳୟର ଜଣେ ଲେଖାଏଁ ଏ୨ରେ ପାସ୍ କରିଛନ୍ତି। କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ର ଜ୍ଞାନରଞ୍ଜନ ଲାକଡା ୫୨୬ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ପଞ୍ଚରା ଉଚ୍ଚ ବିଦ୍ୟାଳୟର ପଦ୍ମଶ୍ରୀ ପ୍ରଧାନ ୫୨୩ ନମ୍ବର ରଖି ଦ୍ୱିତୀୟରେ ଅଛନ୍ତି।

### ଜମିହରା ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ

**କୋକସରା,୧୮।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କେନାଲ ପାଇଁ ଜମି ହରାଇଥିବା ବ୍ଲକର ବଡ଼ପୋଡ଼ାଗୁଡା ପଞ୍ଚାୟତ ପୋଡ଼ାଗୁଡା ଗ୍ରାମର ଜମିହରାଙ୍କୁ ଦୀର୍ଘ ବର୍ଷ ପରେ ଗୁରୁବାର କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇଛି। ୨୦୦୮-୯ରେ ଜତାଖଲିଆ ଚେକଡ୍ୟାମ କେନାଲ ପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ ହୋଇଥିଲା। ଏଥିରେ ପୋଡ଼ାଗୁଡା ଗ୍ରାମର କିଛି ଚାଷୀଙ୍କ ଜମି ଅଧିଗ୍ରହଣ ହୋଇଥିଲା। ତେବେ ଦୀର୍ଘ ବର୍ଷ ଧରି କ୍ଷତିପୂରଣ ଅର୍ଥ ପାଇବାରେ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁଥିଲେ। ହେଲେ କ୍ଷତିପୂରଣ ରାଶି ପାଇବାରେ ଅସମର୍ଥ ହେଉଥିଲେ। ତେବେ ଜୟପାଟଣା ସହକାରୀ ଯନ୍ତ୍ରୀଙ୍କ ଉଦ୍ୟମକ୍ରମେ ଜମିହରା ଚାଷୀମାନେ ଦୀର୍ଘ ବର୍ଷ ପରେ କ୍ଷତିପୂରଣ ରାଶି ପାଇଛନ୍ତି। ଗୁରୁବାର ତହସିଲ କାର୍ଯ୍ୟାଳୟରେ ତହସିଲଦାର ଦେବବ୍ରତ କରାଟିଙ୍କ ଉପସ୍ଥିତିରେ କ୍ଷୁଦ୍ର ଜଳସେଚନ ବିଭାଗ ଜୟପାଟଣା ସହକାରୀ ଯନ୍ତ୍ରୀ ଜମିହରା ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିଛନ୍ତି।

### ପିଡିଏସ୍ ସାମଗ୍ରୀ ଆଣିବାକୁ ଯାଇ ଅଂଶୁଘାତର ଶିକାର

**ଖଡ଼ିଆଳ,୧୮।୫(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ରାଣୀମୁଣ୍ଡା ପଞ୍ଚାୟତ ମହୁଲକୋଟ ଗ୍ରାମର ଜଣେ ବୃଦ୍ଧା ପିଡିଏସ ସାମଗ୍ରୀ ଆଣିବାକୁ ଯାଇ କୋଟାମାଲଠାରେ ଅଂଶୁଘାତର ଶିକାର ହୋଇଥିବା ଅଭିଯୋଗ ହୋଇଛି। ପରିବାର ଲୋକେ ସେଠାରୁ ଆଣି କରି ଚିକିତ୍ସା କରୁଥିବା ଜଣାପଡ଼ିଛି।

# କୃଷକ ସଂଘର୍ଷ ସଂଘ ପକ୍ଷରୁ ଦାବିପତ୍ର



ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦାବି ପତ୍ର ଦିଆଯାଉଛି ।

**ଦେବଗଡ଼,୧୮।୫(ଡି.ଏନ୍.ଏ.)** ଚାଷୀମାନେ ଦଖଲକରି ଚାଷ କରି ଆସୁଥିବା ଜମିର ପଟ୍ଟା ପ୍ରଦାନ ସମେତ ୫ ଦଫା ଦାବିରେ ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବଗଡ଼ ଜିଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମ, ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ଜିଲାର ବହୁ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ସୁଶାନ୍ତ ନାୟକଙ୍କୁ ଉକ୍ତ ୫ ଦଫା ଦାବୀ ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ପ୍ରଧାନପାଟ ସ୍ଥିତ ବସନ୍ତ ନିବାସ ଡାକବଙ୍ଗଳା ସମ୍ମୁଖରେ ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ୩ଟି ଯାକ ବ୍ଲକର ୪୪ ଗ୍ରାମ ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗ ଦେଇ ଜମି ପଟ୍ଟା ସମ୍ପର୍କରେ ଆଲୋଚନା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ସୁନ୍ଦରଗଡ଼ ଜିଲାରେ ପାସ୍ ହାର ୯୭.୩୯ପ୍ରତିଶତ

**ସୁନ୍ଦରଗଡ଼, ୧୮।୫(ଡି.ଏନ୍.ଏ.)**

**ବିନ୍ଦୁସ୍ମିତା ପତି ଜିଲା ଟପ୍ପର**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲାରେ ପାସ୍‌ହାର ୯୭.୩୯ପ୍ରତିଶତ ରହିଛି। ଚଳିତ ବର୍ଷ ଜିଲାରେ ମୋଟ ୨୨୫୫୯ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୨୩୭୦ ଜଣ ପାସ୍ କରିଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ ରହିଛି। ୧୧୮୧୬ଜଣ ଛାତ୍ରୀ ପାସ୍ କରିଥିବା ବେଳେ ୧୦୫୫୪ଜଣ ଛାତ୍ର ପାସ୍ କରିଛନ୍ତି। ସେଥିମଧ୍ୟରୁ ଏ-୧ରେ ୮୪ଜଣ, ଏ-୨ରେ ୧୦୧୯, ବି-୧ରେ ୩୩୫୨, ବି-୨ରେ ୫୯୯୦, ସିରେ-୬୧୨୫, ଡିରେ ୪୦୨୬, ଇରେ ୧୭୭୩ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୧୮୧ଜଣ ପରୀକ୍ଷାର୍ଥୀ ଫେଲ ହୋଇଥିଲା ବେଳେ ୮ଜଣ କପି କରି ମାଲ ପ୍ରାକ୍ଟିସରେ ପଡ଼ିଛନ୍ତି। ରାଉରକେଲା ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ବିନ୍ଦୁସ୍ମିତା ପତି ମୋଟ ୫୭୬ ମାର୍କ ରଖି ଜିଲାରେ ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି ସୁନ୍ଦରଗଡ଼ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଛାତ୍ର ଆୟୁଷ ପଟେଲ ମୋଟ ୫୭୩ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରାଉରକେଲା ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସମୀଧା ମୋଟ ୫୭୨ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

### ଲହୁଣୀପଡ଼ାରେ କରଣ ବେହେରା ଟପ୍ପର

**ଲହୁଣୀପଡ଼ା,୧୮।୫(ଡି.ଏନ୍.ଏ.)**

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଲହୁଣୀପଡ଼ା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ଛାତ୍ର କରଣ ବେହେରା ୯୦.୧୬ ପ୍ରତିଶତ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ୩୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ସମସ୍ତ ପାସ୍ କରିଛନ୍ତି। ଏ-୧ରେ ଜଣେ, ଏ-୨ ରେ ୯, ବି-୧ ରେ ୧୦ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। କରଣ ବେହେରା ଏ-୧ ଗ୍ରେଡରେ ପାସ୍ କରି ବ୍ଲକ ପାଇଁ ଗୌରବ ଆଣିଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ବନ୍ଦେ ଭାରତ ଏକ୍ସପ୍ରେସ୍ ଶୁଭାରମ୍ଭ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ଦେବଗଡ଼,୧୮।୫( ଡି.ଏନ୍.ଏ.)**

ପୁରୀ ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ ଭାର୍ଚୁଆଲ ମୋଡରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଦେବଗଡ଼ ସେଣ୍ଟର ଫର୍ କଲଚର କଲ୍ୟାଣ ମଣ୍ଡପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାସହ ଏଲଇଡି ସ୍କ୍ରୀନ ମାଧ୍ୟମରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ। ରାଜ୍ୟରେ ରେଳ ସଂଯୋଗକୁ ଭାଜପା ସରକାର ବେଶ ପ୍ରାଧାନ୍ୟ ଦେଉଥିବା ସେ କହିଥିଲେ।



କାଯ୍ୟକ୍ରମ ରେ ମଞ୍ଚାସୀନ ଅତିଥି।

ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ରେଲୱେ ଡିଭିଜନର ଡେପୁଟି ଚିଫ୍ ଇଞ୍ଜିନିୟର ଏନଏନ ମୀନା, ସ୍ଥାନୀୟ ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର, ଇଂ.ଅଜୟ କୁମାର ବେହେରା ଓ ସୁଧିର କୁମାର କପରଦାର, ଭାଜପାର ବହୁ ପଦାଧିକାରୀ ଏବଂ କର୍ମୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଜିଲା ଭାଜପା ଉପ ସଭାପତି ଭାରତ ଭୂଷଣ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ଭାଜପା ସାଦାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।

### ସଡ଼କ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

**ବଡ଼ଗାଁ,୧୮।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଲଡ଼ାପଡ଼ା ଗାଁର ଜଣେ ବୃଦ୍ଧଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଭାଜପା ମଣ୍ଡଳ ସଭାପତି ବାବୁଲି କର୍ଷେଲଙ୍କ ବାପା ପଦ୍ମଲୋଚନ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ସକାଳ ୮ଟା ସମୟରେ ନିକଟବର୍ତ୍ତୀ ଦିବ୍ୟଜ୍ୟୋତି ଆଶ୍ରମରୁ ଫେରୁଥିବା ବେଳେ ତାଙ୍କୁ ବାଇକ୍ ଧକ୍କା ଦେଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ପ୍ରଶାନ୍ତ



@ ପ୍ରିୟାଂଶୁ



@ ସତ୍ୟବାନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁଣେରେ ଚମକିଲେ ରାଉରକେଲା ଛାତ୍ରୀଛାତ୍ର

**ବଡ଼ଗାଁ,୧୮।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଉରକେଲାର ଶିବାୟନ ଡାନ୍ସ ଆଣ୍ଡ ମ୍ୟୁଜିକାଲ ସ୍କୁଲ ଛାତ୍ରୀଛାତ୍ର ପୁଣେରେ ଉଚ୍ଚକୋଟୀର ନୃତ୍ୟ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ମଙ୍ଗଳବାର ପୁଣେରେ ଅଖିଳ ଲୋକକଳା କଲଚରାଲ ଅର୍ଗାନାଇଜେଶନ ପକ୍ଷରୁ ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ଶିବାୟନ ଡାନ୍ସ ଆଣ୍ଡ ମ୍ୟୁଜିକାଲ ସ୍କୁଲ ଛାତ୍ରୀଛାତ୍ର




ଅଂଶଗ୍ରହଣ କରିଥିଲେ। ସେଠାରେ ସେମାନେ କ୍ଲାସିକାଲ ଗ୍ରୁପ ଡାନ୍ସ ପ୍ରଦର୍ଶନ କରିଥିଲେ। ଏହି ନୃତ୍ୟ ଦଳରେ ଶ୍ରେୟସ ପଣ୍ଡା, ଆରାଧନା ପାତ୍ର, ସୁନୌନା ଲାକ୍ରା, ସଞ୍ଜୟ ଲାକ୍ରା, ରୂପାଲି ସାହୁ, ସରନ୍ୟା ଜେନା, ଭି ସାଇ ସଞ୍ଜନା ସାମିଲ ହୋଇଥିଲେ। ଉଚ୍ଚକୋଟୀର ପ୍ରଦର୍ଶନ ଯୋଗୁଁ ପ୍ରଥମ ସ୍ଥାନ ହାସଲ କରି ସ୍କୁଲର ଗୌରବ ବଢ଼ାଇଛନ୍ତି ଛାତ୍ରୀଛାତ୍ର। ଏହି ଛାତ୍ରୀଛାତ୍ରଙ୍କୁ ବଡ଼ଗାଁ ନିକଟ କୁସୁମଡେଗି ଗ୍ରାମର ଦିପମଳା ଲାକ୍ରା ନୃତ୍ୟ ଶିଖାଇଥିଲେ। ଏହି ନୃତ୍ୟ ଗୁରୁଙ୍କ ସହ ନୃତ୍ୟ ଦଳରେ କରୁଣାକର ପଣ୍ଡାଙ୍କ ନାତି ଶ୍ରେୟସ ପଣ୍ଡା ସାମିଲ ହୋଇଥିଲେ।

# ମାଟ୍ରିକ ପରୀକ୍ଷାରେ ପ୍ରଜ୍ଞା କେର୍‌କେଟା ଟପ୍ପର

**ରାଜଗାଙ୍ଗପୁର,୧୮।୫(ଡି.ଏନ୍.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ରାଜଗାଙ୍ଗପୁରରେ ମୋଟ ୨୫ଟି ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୦ ସ୍କୁଲରେ ଶତପ୍ରତିଶତ ପାସ୍ ହାର ରହିଛି। କାଂସବାହାଲରେ ଥିବା ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ପ୍ରଜ୍ଞା କେରକେଟା ସର୍ବାଧିକ ୯୩.୩୩ ପ୍ରତିଶତ ନମ୍ବର ରଖି ଅଞ୍ଚଳରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ବିଦ୍ୟାଳୟ ପାଇଁ ଗୌରବ



କୃତୀ ଛାତ୍ରୀଛାତ୍ର।

ଆଣିଛନ୍ତି। ସେହିପରି ସୁମିତ କୁମାର ସାହୁ ୮୬.୮ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନରେ, ଆଶୁତୋଷ ନାୟକ ୮୫.୫ ପ୍ରତିଶତ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଏହି ଗୌରବକୁ ନେଇ ଅଧ୍ୟକ୍ଷ ଡ. ସମୀର କୁମାର କାନୁନଗୋ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। କୃତି ଛାତ୍ରୀଛାତ୍ରଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆ ତଥା ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଗଡ଼ିଲା ବନ୍ଦେ ଭାରତ ଏକ୍ସପ୍ରେସ୍

**ହେମଗିର,୧୮।୫(ଡି.ଏନ୍.ଏ.)**

**ହେମଗିର ରେଳଷ୍ଟେଶନରେ ସ୍ୱତନ୍ତ୍ର ସଭା ଆୟୋଜନ**

ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍ ଗୁରୁବାରଠାରୁ ଗଡ଼ିବା ଆରମ୍ଭ କରିଛି। ଭର୍ଚୁଆଲ ମୋଡରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସୁନ୍ଦରଗଡ଼ ଜିଲା ହେମଗିର ରେଳଷ୍ଟେସନଠାରେ ଏକ ସଭା ଆୟୋଜନ କରାଇ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଜୟ ଜଗନ୍ନାଥରୁ ଭାଷଣ ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଲେ, ଆଜି ଓଡ଼ିଶା ଓ ପଶ୍ଚିମବଙ୍ଗ ଲୋକଙ୍କୁ ବନ୍ଦେ ଭାରତ ଉପହାର ମିଳିଲା। ଏହି ଟ୍ରେନ ଚାଲିବା ଦ୍ୱାରା ପୁରୀ-କୋଲକାତା ଯାତ୍ରା ସାଢ଼େ ୬ ଘଣ୍ଟା ହେବ। ଫଳରେ ସମୟ ବଞ୍ଚିବା ସହ ବ୍ୟବସାୟ ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଅନୁଷ୍ଠିତ ସଭାରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରେଳ ବିଭାଗର ଡିଆର୍‌ଏମ ପ୍ରବୀଣ ପାଣ୍ଡେ, ଡିସିଏମ ବିକାଶ କୈଶପ, ଡିଏସଟି ଭାସ୍କର ବରମା ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ ବିଧାୟିକା କୁସୁମ ଟେଟେ ଭାଷଣ ଦେଉଛନ୍ତି।

# ପକ୍କାଘର ସାତସପନ

## ଆବେଦନ କରି ଥକି ଗଲେଣି ଗ୍ରାମବାସୀ

**ଲହୁଣୀପଡ଼ା,୧୮।୫(ଡି.ଏନ୍.ଏ.)**

ଲହୁଣୀପଡ଼ା ବ୍ଲକ ଦର୍ଜାଂ ପଞ୍ଚାୟତ ମଧୁପୁର ଗ୍ରାମବାସୀଙ୍କୁ ମିଳୁନି ପକ୍କା ଘର। ପିଢ଼ି ପରେ ପିଢ଼ି ବିତିଗଲାଣି ହେଲେ ଗ୍ରାମରେ ଆଜି ଯାଏ ଜଣକୁ ହେଲେ ପକ୍କାଘର ଖଣ୍ଡେ ମିଳିନାହିଁ। ପ୍ରତ୍ୟେକ ଥର ବ୍ଲକ, ପଞ୍ଚାୟତ ଯାଇ ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ହେଲେ କୌଣସି ସୁଫଳ ମିଳୁନାହିଁ। ଏହି ଗ୍ରାମରେ ୭୭ଟି ପରିବାରରେ ୩୪୨ ଲୋକ ବସବାସ କରନ୍ତି। ଗୋଟିଏ କିମ୍ବା ଦୁଇଟି ପରିବାରକୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ଗରିବ ଆଦିବାସୀ ସମ୍ପ୍ରଦାୟର। ମାଟି କାନ୍ଥ ଘରେ ଯୁଗ ବିତିଗଲାଣି। ସେହି ଗୋଟିଏ ଘରେ ଖାଇବା, ଶୋଇବା, ରହିବା ସହିତ ଗୃହ ପାଳିତ ପଶୁପକ୍ଷୀମାନେ ମଧ୍ୟ ରହୁଛନ୍ତି। ସରକାରଙ୍କ ଗରିବଙ୍କ ପାଇଁ ପକ୍କାଘର ଯୋଜନା ଏଠି ସାତସପନ ସଦୃଶ ପାଲିଟିଛି ବୋଲି ଗ୍ରାମବାସୀ କ୍ଷୋଭର ସହ କହିଛନ୍ତି। ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ



ମଧ୍ୟ ସମସ୍ତେ ଲିଷ୍ଟରେ ଅଛି ବୋଲି କହୁଛନ୍ତି। ଭୋଟବେଳେ ନେତାମନ୍ତ୍ରୀ, ସରପଞ୍ଚ ଗାଁକୁ ଆସନ୍ତି। ପ୍ରତିଶ୍ରୁତି ମଧ୍ୟ ଦିଅନ୍ତି। ଏମିତି କି ଘର ଯୋଗାଇଦେବା ପାଇଁ କାଗଜପତ୍ର ମାଗି ନିଅନ୍ତି। ହେଲେ ଭୋଟ ସରିଗଲେ ଆଉ କାହାର ଦେଖା ମିଳେନି। ଏନେଇ ଗ୍ରାମର ଜଣେ ମହିଳା କହିଛନ୍ତି, ଅଜା ଶଶୁର ପକ୍କାଘର ଖଣ୍ଡେ ପାଇବେ ବୋଲି କେତେ ଆଶା କରିଥିଲେ। ହେଲେ ତାଙ୍କର ମୃତ୍ୟୁ ଘଟିଲା। ଶଶୁର ମଧ୍ୟ ପକ୍କାଘର ଆଶା କରି ଜୀବନ ଗଲା। ଏପରି କି ସେମାନେ କେତେଜଣ ମଧ୍ୟ ବିଧବା ହେଲେଣି। ପିଢ଼ି ପରେ ପିଢି ବିତି ଗଲାଣି। ପକ୍କାଘରକୁ ଅପେକ୍ଷା କରି କରି ଗ୍ରାମର ଅନେକ ଲୋକଙ୍କ ମଧ୍ୟ ମୃତ୍ୟୁ ଘଟିଲାଣି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଅନୁରାଗ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଆମ ଫିଲ୍ଡ ଷ୍ଟାଫ ଯାଇ ତଦନ୍ତ କରିବେ। ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### କଣ୍ଟାବାଞ୍ଜି ରେଳଷ୍ଟେଶନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ପୁରୀ- ହାଓଡା ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ**

**କଣ୍ଟାବାଞ୍ଜି,୧୮।୫(ଡି.ଏନ.ଏ.):** -ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନୀ ଅବସରରେ କଣ୍ଟାବାଞ୍ଜି ରେଳଷ୍ଟେଶନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୂର୍ବତଟ ରେଳ ଡିଭିଜନ ସମ୍ବଲପୁର ଦ୍ୱାରା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ଲାଟଫର୍ମ ନଂ.୧ରେ ଆୟୋଜିତ ସମାରୋହରେ କଣ୍ଟାବାଞ୍ଜି ଏନ.ଏ.ସି. ନଗରପାଳ ବରିୟାମ ସିଂ ସାଲୁଜା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ତହସିଲଦାର ଅମୃତଲାଲ ବେହେରା,ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଂପାଦକ ଲକ୍ଷ୍ମଣ ବାଗ, ଭାଜପା ବଲାଙ୍ଗୀର ଜିଲା ସଭାପତି ଶିବାଜୀ ମହାନ୍ତି, ପି.ଗୌରୁ ନାଇଡୁ, ଅନିଲ ଅଗ୍ରୱାଲ ମଞ୍ଚାସୀନ ଥିଲେ । କଣ୍ଟାବାଞ୍ଜି ଷ୍ଟେଶନ ଡି.ଟି.ଆଇ. ତାରାଚନ୍ଦ ବାଗ ଧନ୍ୟବାଦ ଦେଇଥିଲେ ।

### ବୁଢ଼ୀପଦର ପଞ୍ଚାୟତରେ ଗ୍ରାମସଭା

**ଲୋଇସିଂହା,୧୮।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ପଞ୍ଚାୟତ କାର୍ଯ୍ୟାଳୟରେ ଲୋୟର ସୁକତେଲ ଜଳସେଚନ ବିଭାଗ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଗ୍ରାମସଭାରେ ସରପଞ୍ଚ ଲକ୍ଷ୍ମୀ ପଧାନ ଅଧକ୍ଷତା କରିଥିଲେ' ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଏସଡିଓ ସମୀର କୁମାର ମାଝି, ଯନ୍ତ୍ରୀ ଅର୍ଜୁନ ସେଠ, ଏଇ ପ୍ରଦୀପ୍ତ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବିଭାଗୀୟ ଏସଡିଓ ମାଝି ଲୋୟର ସୁକତେଲ ପ୍ରକଳ୍ପର ଅଗ୍ରଗତି ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ସୂଚନା ଦେଇଥିଲେ । ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ସହ ଚାଷୀମାନେ ଉପକୃତ ହେବାକୁ ଯାଉଛନ୍ତି। ବୁଢ଼ୀପଦର ପଞ୍ଚାୟତ ଅଧୀନ ବୁଢ଼ୀପଦର ଗ୍ରାମର ୩୧୫ ଏକର ଜମି ଭୂତଳ ପାଇପ ଲାଇନ ମାଧ୍ୟମରେ ଜଳସେଚନ ହେବ ବୋଲି ଏସଡିଓ ମାଝି କହିଥିଲେ । ଏହି ଗ୍ରାମସଭାରେ ପିଇଓ ପ୍ରହ୍ଲାଦ ବେହେରା, ଯୁଧିଷ୍ଠିର ପଧାନ ସମେତ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ ।

### ସ୍ଥାୟୀ ଆରପିଏଫ ନିଯୁକ୍ତି ପାଇଁ ଦାବି

**ଲାଠୋର,୧୮।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ଏକ ସ୍ଥାୟୀ ଆରପିଏଫ(ରେଳ ପୋଲିସ ବଳ) ନିଯୁକ୍ତି ଦେବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି କେହି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ରେଳ ଷ୍ଟେଶନ ଉପରେ ସମଗ୍ର ଖପ୍ରାଖୋଲ ବ୍ଲକ ସମେତ ବେଲପଡ଼ା ଓ କୋମନା ବ୍ଲକର କିଛି ଅଧିବାସୀ ନିର୍ଭର କରୁଛନ୍ତି। ହେଲେ ଏଠାରେ କୌଣସି ସ୍ଥାୟୀ ରେଳ ପୋଲିସ ବଳ ନିଯୁକ୍ତି ଦିଆଯାଇ ନାହିଁ। ଏଠାରୁ ବିଭିନ୍ନ ରାଜ୍ୟକୁ ପ୍ରତିଦିନ ରେଳ ଯୋଗେ ଜନସାଧାରଣ ଯାତାୟତ କରୁଛନ୍ତି। ପୋଲିସ ବଳର ଅଭାବ ହେତୁ ବିଶେଷ କରି ମହିଳା ଯାତ୍ରୀମାନେ ରାତିରେ ରେଳକୁ ଅପେକ୍ଷା କରିଥିବା ବେଳେ କିମ୍ବା ରେଳରୁ ଓହ୍ଲାଇଲେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। କୌଣସି ପ୍ରକାର ଅପ୍ରୀତିକର ଘଟଣା ଘଟିଲେ ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି। ସନ୍ଧ୍ୟା ହେଲା ମାତ୍ରେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଏହି ଷ୍ଟେଶନ। ଅପର ପକ୍ଷେ ବିଭିନ୍ନ ମାଲବାହୀ ରେଳ ଯିବା ଆସିବା ବେଳେ ଏଠାରେ ଅଟକି ରହୁଛି। ଫଳରେ ସେହି ରେଳରେ ଯାଉଥିବା ବିଭିନ୍ନ ସାମଗ୍ରୀ ଅସୁରକ୍ଷିତ ଭାବରେ ରହୁଛି। ବୁଧବାର ରାତିରେ ବିଶାଖାପାଟଣା ପଟରୁ ଏକ ତେଲ ବୋଝେଇ ଟ୍ରେନ ରାୟପୁର ପଟକୁ ଯାଉଥିବା ବେଳେ କୌଣସି କାରଣବଶତଃ ହରିଶଙ୍କର ରୋଡ଼ ରେଳଷ୍ଟେଶନରେ ରାତି ୯ ଟାରେ ଅଟକି ରହିଥିଲା। ଫଳରେ ଟ୍ରେନରେ ଯାଉଥିବା ତେଲକୁ କିଛି ଅସାମାଜିକ ଲୋକ ଚୋରି କରି ନେଇଥିବା ଚର୍ଚ୍ଚା ହେଉଛି। ଯଦି ରେଳରୁ ତେଲ ଚୋରି ହେଉଛି , ତେବେ ଅନ୍ୟାନ୍ୟ ସାମଗ୍ରୀ ଯାଉଥିବା ରେଳରୁ ମଧ୍ୟ ଚୋରି ହେଉଥିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ଏନେଇ କଣ୍ଟାବାଞ୍ଜି ଆରପିଏଫ ଇନ୍ସପେକ୍ଟର ରାମନ ବାବୁଙ୍କୁ ପଚାରିବାରେ ସମସ୍ୟାର ଅନୁଧ୍ୟାନ କରାଯିବା ପରେ ଉପରସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସୁରକ୍ଷା ଦୃଷ୍ଟିରୁ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ରେଳ ପୋଲିସ ବଳ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ମହୋତ୍ସବରେ ଯୋଗ ଦେଇଥିବା ଅତିଥି ।



ଭୀମପାହାଡ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ।

**ନବମ ଭୀମପାହାଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

**ଦେଓଗାଁ,୧୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀରେ ୪ ଦିନ ଧରି ହେବାକୁ ଥିବା ନବମ ଭୀମପାହାଡ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଦିନ ଭୀମପାହାଡ ମହୋତ୍ସବ ପରିଚାଳନା କମିଟିର ଆବାହକ ଲକ୍ଷ୍ମଣ କୁମାର ମେହେରଙ୍କ ଆବାହକତ୍ୱ ତଥା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ପାରମ୍ପରିକ ଲୋକକଳା ଓ ସଂସ୍କୃତି ତଥା ଲୁକ୍କାୟିତ କଳାକୁ ଲୋକଲୋଚନକୁ ଆଣିବାରେ ଏହି ମହୋତ୍ସବ ଏକ ସ୍ୱତନ୍ତ୍ର ଭୂମିକା ତୁଲାଇଥିବା ବେଳେ ସମସ୍ତଙ୍କୁ ଏକତାର ବନ୍ଧନରେ ବାନ୍ଧି ପାରିଛି ବୋଲି କହିଥିଲେ। କୋଷାଧକ୍ଷ ଅଭିମନ୍ୟୁ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବନେତା ଶୈଳେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୌଦ୍ଧ ଜିଲା କଣ୍ଟାମାଳ ବନ୍ଧଘେରାର ଖଡଙ୍ଗ ମହୋତ୍ସବ କମିଟି, ଟିଟିଲାଗଡ କୁମୁଡା ପାହାଡ ସୁରକ୍ଷା ସମିତି ଓ ସଇଁତଲା ମା' ଚଣ୍ଡେଶ୍ୱରୀ ଲୋକକଳା କମିଟିକୁ ଭୀମପାହାଡ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟହ ରବିନ୍ଦ୍ର କୁମାର ସାହୁ ଓ ସାଥୀଙ୍କ ଦ୍ୱାରା ରାବଣ ଦରବାର ହେଉଥିବା ବେଳେ ସାଂସ୍କୃତିକ ସଂଯୋଜକ ବାସୁଦେବ ସାଙ୍କ ପରିଚାଳନାରେ ଗୁରୁବାର ସନ୍ଧ୍ୟାରେ ପୁଇଁନ୍ତଲାର ଢ଼ୋଲମହୂରି କଳାପରିଷଦ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ବଲାଙ୍ଗୀର ଦୁଲଦୁଲି କଳା ପରିଷଦ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ନୂଆପଡାର ଝୁମେର ନୃତ୍ୟ, ଝାରଖଣ୍ଡ ଷଢ଼େଇକଳାର ଛଉ ନୃତ୍ୟ ଓ ପଶ୍ଚିମବଙ୍ଗ ପୁର୍ଲିଆର ଝୁମେର ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବକୁ ପରିଚାଳନା କମିଟିର ସମସ୍ତ ସଦସ୍ୟ ବୃନ୍ଦ ସହଯୋଗ କରୁଛନ୍ତି।

## ରାଏପାଲି ଅଞ୍ଚଳରେ ହାତୀ ଆତଙ୍କ

**ଦେଓଗାଁ,୧୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ରାଏପାଲି ଜଙ୍ଗଲରେ ଗୁରୁବାର ହାତୀପଲର ଉପସ୍ଥିତି ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳାଇଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରକୋପ ସାଙ୍ଗକୁ ଜମିଗୁଡିକ ଶୁଖିଲା ପଡିଥିବା ବେଳେ ଖାଦ୍ୟ ଅଭାବରୁ ୧୨ ଟିକିଆ ହାତୀପଲ ଆସିବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏହି ହାତୀପଲ ଖାଦ୍ୟ ଓ ପାଣି ଅନ୍ୱେଷଣରେ ଗାଁ ମୁହଁ ହେବା ଆଶଙ୍କା ରହିଥିବାରୁ ଏବେ ରାଏପାଲି, ଘୁଚିପାଲି ତଥା ଆଖପାଖ ଗାଁଗୁଡିକରେ ଲୋକେ ଭୟଭୀତ ଅବସ୍ଥାରେ ରହିଥିବା ସୂଚନା ମିଳିଛି । ଏ ଦିଗରେ ସ୍ଥାନୀୟ ବନବିଭାଗ ପକ୍ଷରୁ ୧୦ ଜଣ ଏଲିଫେଣ୍ଟ ସ୍କ୍ୱାଡ୍ ଓ ପାରାଷ୍ଟାଫ୍ ସମେତ ଫରେଷ୍ଟର ଓ ଫରେଷ୍ଟର ଗାର୍ଡ ପ୍ରମୁଖ ଲୋକଙ୍କୁ ସଚେତନ ଓ ସଜାଗ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ ହାତୀପଲକୁ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ଦିଗରେ ପ୍ରୟାସ ଆରମ୍ଭ କରାଯାଇଥିବା ଦେଓଗାଁ ରେଞ୍ଜର ଅଲୋକ ଚନ୍ଦ୍ର ମାଝୀ ସୂଚନା ଦେଇଛନ୍ତି । ଗାଁଗୁଡିକରେ ବିଶେଷ କରି ପତ୍ର ତୋଳାଳି ମାନେ ସକାଳ ଓ ସନ୍ଧ୍ୟା ସମୟରେ ଜଙ୍ଗଲକୁ ନ ଯିବା ପାଇଁ ମାଇକ ଯୋଗେ ସଚେତନ କରାଯାଉଛି ।

# ୫-ଟି ସଚିବଙ୍କ ଗସ୍ତ ପୂର୍ବରୁ ସ୍ଥିତି ଅନୁଧ୍ୟାନ

**କୋକସରା,୧୮।୫(ଡି.ଏନ.ଏ.)**



ବିଜେଡି ସାଙ୍ଗଠନିକ ସମ୍ପାଦକ ଓ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

୫-ଟି ସଚିବ ଭି.କେ. ପାଣ୍ଡିୟାନଙ୍କ କଳାହାଣ୍ଡି ଜିଲା ଗସ୍ତ ପୂର୍ବରୁ ଗୁରୁବାର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସଚିବଙ୍କ ଗସ୍ତ ପୂର୍ବରୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଧର୍ମଗଡ଼ ବିଧାୟକ ମୋଷଧି ବାଗ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ଉନ୍ନୟନ ନିର୍ବାହୀ ଅଧିକାରୀ ପାୱାର ସଚିନ ପ୍ରକାଶ, କୋକସରା ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ବିଡିଓ ଉତ୍ତମ ବାଗ, ତହସିଲଦାର ଦେବବ୍ରତ କରାଟି, ଜିଲା ବିଜେଡିର ନେତୃବୃନ୍ଦ ଓ ଅଧିକାରୀ ଉପସ୍ଥିତ ରହିଥିଲେ। ୫-ଟି ସଚିବ କୋକସରା ବ୍ଲକ ଆମପାଣି ବୁଢ଼ାରଜା ମନ୍ଦିର ସହ ପର୍ଯ୍ୟଟନସ୍ଥଳୀ ଗୁଡ଼ାହାଣ୍ଡି ଡୋକରିଚଞ୍ଚରା ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଆମପାଣି ବୁଢ଼ାରଜା ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀ ଗୁଡ଼ହାଣ୍ଡି ଡୋକରିଚଞ୍ଚରା ଉନ୍ନୟନ ପାଇଁ କ'ଣ ଘୋଷଣା କରିବେ ୫-ଟି ସଚିବ ସେ ନେଇ ନସାଧାରଣଙ୍କ ମଧ୍ୟରେ ଉତ୍କଣ୍ଠା ଭରି ରହିଛି।

## ବିଛୁପାଲି-ଝାରତରଭା ରେଲଲାଇନ୍ ଉଦ୍‌ଘାଟିତ

**ବଲାଙ୍ଗୀର ଅଫିସ,୧୮।୫**

ପୁରୀ-ହାଓଡା ବନ୍ଦେ ଭାରତ ରେଳ ଚଳାଚଳ ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ବଲାଙ୍ଗୀର ଜିଲା ବିଛୁପାଲି ଠାରୁ ଝାରତରଭା ନବନିର୍ମିତ ପ୍ରାୟ ୧୦ କିଲୋମିଟର ରେଳପଥକୁ ଆଭାସୀ କାର୍ଯ୍ୟକ୍ରମ ଜରିଆରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଲାଙ୍ଗୀର ରେଳ ଜଙ୍କସନ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଏବଂ ସମ୍ବଲପୁର ଡିଆରଏମ୍ ବିନିତ ସିଂ ମଞ୍ଚାସୀନ ଥିଲେ। ସଭାରେ ଏମ୍‌ପି ସିଂଦେଓ ଭାଜପା ନେତୃତ୍ୱାଧୀନ ସରକାରର ରେଳବିକାଶ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ବଲାଙ୍ଗୀର ଜିଲାର କିଛି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଥିଲେ। ବଲାଙ୍ଗୀରରୁ ସିଧାସଳଖ ଦିଲ୍ଲୀ, ପ୍ରୟାଗରାଜକୁ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ଦାବି ଦୋହରାଇଥିଲେ। ରାଜ୍ୟସଭା ସାଂସଦ ବିଶି ବଲାଙ୍ଗୀର ଜିଲାର ରେଳ ବିକାଶରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କଥା କହି ବଲାଙ୍ଗୀର-ପାଟଣାଗଡ-ଖପ୍ରାଖୋଲ-ନୂଆପଡା ରେଲଲାଇନ୍ ଦାବି ଉପସ୍ଥାପନ କରି ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ କହିଥିଲେ। ଡିଆରଏମ୍ ସିଂ ତାଙ୍କ ବକ୍ତବ୍ୟରେ ସମସ୍ତ ରେଳପଥ, ରେଳଷ୍ଟେଶନର ଉନ୍ନତି ଦିଗରେ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଠାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବନ୍ଦେ ଭାରତ ରେଳ ଉଦଘାଟନ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ସଭା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ଲୋଇସିଂହାରେ ଦ୍ରୁତଗାମୀ ଟ୍ରେନ ରହଣି ଦିଗରେ ପଦକ୍ଷେପ ନିଆଯିବ

**ଲୋଇସିଂହା,୧୮।୫(ଡି.ଏନ.ଏ.)**




ଲୋଇସିଂହା ଷ୍ଟେଶନରେ ଆୟୋଜିତ ଉତ୍ସବରେ ଉପସ୍ଥିତ ଅତିଥି ।

ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲା ଲୋଇସିଂହା ଆଦର୍ଶ ଷ୍ଟେଶନରେ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଭର୍ଚୁଆଲ ମୋଡ୍‌ରେ ସଭା ଆୟୋଜିତ ହୋଇଥିଲା। ସ୍ନିଗ୍ଧା ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବିଭାଗୀୟ ସଂଯୋଜକ ସନ୍ତୋଷ କୁମାର ଦେବାଙ୍ଗନ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ବରିଷ୍ଠ ନାଗରିକ ସମେତ ଜନସାଧାରଣ ଉପସ୍ଥିତ ଥିଲେ । ସଂଯୋଜକ ଦେବାଙ୍ଗନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଲୋଇସିଂହା ଷ୍ଟେଶନର ବିକାଶ ଏବଂ ଆଦର୍ଶ ଷ୍ଟେଶନ ପାଇଁ ସ୍ଥାନୀୟ ଜନସାଧାରଣ ଓ ବିଧାୟକ ମାହଲିଙ୍ଗଙ୍କ ଭୂମିକା ରହିଥିବା ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶରେ ବିକାଶ ଦ୍ରୁତ ଗତିରେ ବଢୁଛି ବୋଲି ବିଧାୟକ ମହାଲିଙ୍ଗ ଏହି ଅବସରରେ କହିଥିଲେ। ବନ୍ଦେ ଭାରତ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ହୋଇଛି। ଭାରତବାସୀ ମଧ୍ୟ ଜାପାନ ଭଳିଆ ଟ୍ରେନ ବସିବାର ଉପଲବ୍ଧି କରି ପାରିବେ ବୋଲି ସେ କହିଥିଲେ । ସମ୍ବଲପୁର-ଟିଟିଲାଗଡ ଦୋହରୀକରଣ ଲାଇନ ହେବା ପରେ ଯାତ୍ରୀଙ୍କୁ ଆଉ ଷ୍ଟେଶନରେ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁନାହିଁ। ସ୍ଥାନୀୟ ଷ୍ଟେଶନର ବିକାଶ କାମ ଆଗେଇ ଚାଲିଛି। ଆଗାମୀ ଦିନରେ ଏମ୍‌ପି ସଂଗୀତା କୁମାରୀ ସିଂଦେଓ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପଧାନଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କେତେକ ଦ୍ରୁତଗାମୀ ଟ୍ରେନ ରହଣି ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## ମାଟ୍ରିକ ପରୀକ୍ଷାରେ ଯଶବର୍ଦ୍ଧନ ଓ ଶୁଭଶ୍ରୀଙ୍କ କୃତିତ୍ୱ




ଯଶବର୍ଦ୍ଧନ ଏବଂ ଶୁଭଶ୍ରୀ।

**ଟିଟିଲାଗଡ଼,୧୮।୫(ଡି.ଏନ.ଏ.)**

ଗୁରୁବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତବର୍ଷ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ସଫଳତାର ସହ କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ଯଶବର୍ଦ୍ଧନ ମହାକୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦକ୍ଷିଣ ପଶ୍ଚିମ ସଂଭାଗରେ ପ୍ରଥମ ହୋଇଛନ୍ତି। ସେ ୫୭୯ ନମ୍ବର ରଖିଛନ୍ତି। ସଂସ୍କୃତରେ ସେ ଶହେରୁ ଶହେ ନମ୍ବର ରଖିଛନ୍ତି। ବାପା ଶିକ୍ଷକ ସପ୍ନେଶ୍ୱର ମହାକୁର ଏବଂ ଶକୁନ୍ତଳା ମହାକୁରଙ୍କ ପୁତ୍ର ଯଶବର୍ଦ୍ଧନ ଜଣେ ମେଧାବୀ ଛାତ୍ର। ତୃତୀୟ ଏବଂ ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷାରେ ଓ ନବମରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ସେ କୃତିତ୍ୱ ଅର୍ଜନ କରିଥିଲେ। ଭବିଷ୍ୟତରେ ନିଜ ଭଉଣୀ ରତ୍ନୁପ୍ରଭାଙ୍କ ପରି ଡାକ୍ତରୀ ପାଠ ପଢିବେ ବୋଲି ସେ କହିଛନ୍ତି। ସେହିପରି ବିଦ୍ୟାଳୟର ଶୁଭଶ୍ରୀ ବୁଡେକ ମୋଟ ୫୭୨ ମାର୍କ ରଖି ବିଦ୍ୟାମନ୍ଦିରର ଦକ୍ଷିଣ ପଶ୍ଚିମ ସମ୍ଭାଗରେ ଦ୍ୱିତୀୟ ବିବେଚିତ ହୋଇଛନ୍ତି। ବାପା ପୀତବାସ ବୁଡେକ ଏବଂ ମୀରାଙ୍କ ଝିଅ ଶୁଭଶ୍ରୀ ତୃତୀୟ, ପଞ୍ଚମରେ ବୃତ୍ତି ଲାଭ ସହ ନବମ ଶ୍ରେଣୀରେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିଲେ। ଡାକ ବିଭାଗ ପକ୍ଷରୁ ଅନୁଷ୍ଠିତ ଆଜାଦୀ କା ଅମୃତ ମହୋତ୍ସବ ରଚନା ପ୍ରତିଯୋଗିତାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଗୀତା ପାଠ ପ୍ରତିଯୋଗିତାରେ ୨ୟ ସ୍ଥାନ ହାସଲ କରି ସେ ବୃତ୍ତି ଲାଭ କରିଥିଲେ। ସେହିପରି ବିଦ୍ୟାଳୟର ଗାୟତ୍ରୀ ରାଣୀ ସାହୁ ୫୬୦ ମାର୍କ (୯୩.୩୩ ପ୍ରତିଶତ), ସ୍ନେହାଶିଷ ସାହୁ ୫୫୮ ମାର୍କ(୯୩ ପ୍ରତିଶତ), ଇଶାନ୍ତ ରାୟ ୫୪୩ ମାର୍କ (୯୦.୫ ପ୍ରତିଶତ), ପଲ୍ଲବୀ ସା ୫୪୩ ମାର୍କ (୯୦.୫ ପ୍ରତିଶତ) ଲାଭ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି କୃତିତ୍ୱ ନେଇ ବିଦ୍ୟାମନ୍ଦିରର ସଭାପତି ଜ୍ୟୋତିପ୍ରକାଶ ଗଡତିଆ, ସମ୍ପାଦକ ଅନିରୁଦ୍ଧ ସାହୁ, ପୂର୍ବତନ ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ମିଳୁନି ଖିଅ, ପୋଲିସ ଚଳାଇଛି ତନାଘନା

**ବଲାଙ୍ଗୀର ଅଫିସ, ୧୮।୫**

**ବନ୍ଦ ଘରୁ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ଘଟଣା**

ବଲାଙ୍ଗୀର ସହର ସାଲେପାଲିସ୍ଥିତ ଏକ ତାଲାବନ୍ଦ ଭଡା ଘର ଭିତରୁ କଳା ପଲିଥିନ ପ୍ୟାକିଂ ହୋଇଥିବା ରିଙ୍କୁ ମେହେର (୨୭)ଙ୍କ ଖଣ୍ଡ ବିଖଣ୍ଡିତ ଗଳିତ ମୃତଦେହକୁ ବୁଧବାର ଟାଉନ୍ ପୋଲିସ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ତେବେ ଏହି ଘଟଣା ଜଣାପଡିବାର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ହତ୍ୟାକାରୀଙ୍କ ସମ୍ପର୍କରେ କିଛି ବି ଟେର ପାଇନାହିଁ। ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଥିବା କହିଛି। ତେବେ ମୃତ ରିଙ୍କୁଙ୍କୁ ଟାଙ୍ଗିଆ ସହାୟତାରେ ୮/୯ ଖଣ୍ଡ କରି କଳା ପଲିଥିନ ପ୍ୟାକିଂ କରାଯାଇଥିବାରୁ ହତ୍ୟାକାରୀ କିଏ ଏବଂ କାହିଁକି ଏଭଳି ହତ୍ୟାକାଣ୍ଡ ଘଟାଇଛି ତାକୁ ନେଇ ପୋଲିସ ତନାଘନା ଚଲାଇଛି। ଘଟଣା ଜଣାପଡିବା ପରେ ମୃତ ଯୁବକଙ୍କ ମାତାପିତା, ଭାଇ କୌଣସି ସଦସ୍ୟ ଘରେ ନ ଥିବାରୁ ସମଗ୍ର ଘଟଣା ରହସ୍ୟ ଘେରରେ ରହିଛି। ଏହି ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ଟାଉନ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଥିବା ଜଣାପଡିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯିବାରୁ ଦାହସଂସ୍କାର କରାଯାଇଥିବା ଜଣାପଡିଛି। ଏସଡିପିଓ ତୋଫାନ ବାଗଙ୍କୁ ଏନେଇ ପଚରାଯିବାରୁ ତଦନ୍ତ ଚାଲିଛ, ସବୁ ଦିଗକୁ ଅନୁଧ୍ୟାନ କରାଯାଉଛି। ଖୁବଶୀଘ୍ର ହତ୍ୟାକାରୀ ଧରାପଡିବେ ବୋଲି ସେ କହିଛନ୍ତି। ବୁଧବାର ସକାଳେ ବଲାଙ୍ଗୀର ସହର ସାଲେପାଲି ମଠ ଖାଇ ମନ୍ଦିର ଛକ ନିକଟରେ ଥିବା ଏକ ଘରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉକ୍ତ ଘର ଖୋଲିବାରୁ ପଲିଥିନ ପ୍ୟାକିଂ ହୋଇଥିବା ରିଙ୍କୁ ମେହେରଙ୍କ ଗଳିତ ମୃତଦେହ ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ରିଙ୍କୁଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହ ଖଣ୍ଡ ବିଖଣ୍ଡିତ କରି ଜରିରେ ପ୍ୟାକିଂ କରିଥିବା ପୋଲିସ ଅନୁମାନ କରିଥିଲା। ଏଯାଏଁ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।

# ବିଭାଗୀୟ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ

**ଦେଓଗାଁ,୧୮।୫(ଡି.ଏନ.ଏ.)**



ଦେଓଗାଁ ବ୍ଲକରେ ପିଡିଙ୍କ ସମୀକ୍ଷା ବୈଠକ।

**ଦେଓଗାଁ ବ୍ଲକ**

**■ଏମ୍‌ଜିଏନଆରଇଜିଏସ ଅବହେଳାକୁ ନେଇ ଅସନ୍ତୋଷ ବ୍ୟକ୍ତ କଲେ ପିଡି**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୨୬ ପଞ୍ଚାୟତରେ ଏମଜିଏନଆରଇଜିଏସ ଅନ୍ତର୍ଗତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ସମସ୍ତ ବିଭାଗୀୟ କାର୍ଯ୍ୟର ସମୀକ୍ଷା ବୈଠକ ଦେଓଗାଁ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଦୟାନିଧି ଖମାରୀଙ୍କ ଅଧକ୍ଷତା ତଥା ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବଲାଙ୍ଗୀର ଡିଆରଡିଏ ପିଡି ସୁଶାନ୍ତ ସିଂ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମୀଣ ଆବାସ, ଏସଏଫସି, ସିଏଫସି ପାଣ୍ଠିର ବିନିଯୋଗ, ହରିଶ୍ଚନ୍ଦ୍ର ଯୋଜନା, ଭତ୍ତା, ଯୋଗାଣ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ତଥା ଓବିସି, ଏସଇବିସି ସର୍ଭେର ଅଗ୍ରଗତି ଉପରେ ସମୀକ୍ଷା ହୋଇଥିଲା । ପରେ ବ୍ଲକର ସମସ୍ତ ୨୬ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ବୈଠକରେ ଅନେକ ପଞ୍ଚାୟତରେ ଶ୍ରମିକ ନିୟୋଜିତ କରିବାରେ ନୈରାଶ୍ୟଜନକ ପ୍ରଦର୍ଶନ ନଜରକୁ ଆସିବାରୁ ପିଡି ସିଂ ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ଏ ଦିଗରେ ତତ୍ପରତାର ସହ କାମ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ତାଗିଦ କରିଥିଲେ। ବ୍ଲକର ଅନେକ ପଞ୍ଚାୟତରେ ଆଦର୍ଶ ଗାଈ ଗୁହାଳ, ଡଗୱେଲ କାର୍ଯ୍ୟ ପଡି ରହିବା ଅଭିଯୋଗ ଆସୁଥିବା ନେଇ ଆଲୋଚନା ହୋଇଥିଲା। ଏହାସହ ଅଧାପନ୍ତରିଆ ଭାବେ ପଡି ରହିଥିବା ପ୍ରକଳ୍ପ ଗୁଡିକ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୃଦ୍ଧାବୃଦ୍ଧ ହିତାଧିକାରୀ ଯେଉଁମାନେ ଘରୁ ବାହାରକୁ ଆସି ପାରୁନହାନ୍ତି ସେମାନଙ୍କ ଘରକୁ ଯାଇ ଭତ୍ତା ଟଙ୍କା ଦେବା ପାଇଁ କହିଥିଲେ। ବୈଠକରେ ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ଅଧିକାରୀ ବୀଣା ପଧାନ, ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସମସ୍ତ ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କଣ୍ଟାବାଞ୍ଜି ରେଳଷ୍ଟେଶନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ପୁରୀ- ହାଓଡା ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ**

କଣ୍ଟାବାଞ୍ଜି,୧୮।୫(ଡି.ଏନ.ଏ.): -ପୁରୀ-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନୀ ଅବସରରେ କଣ୍ଟାବାଞ୍ଜି ରେଳଷ୍ଟେଶନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପୂର୍ବତଟ ରେଳ ଡିଭିଜନ ସମ୍ବଲପୁର ଦ୍ୱାରା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ଲାଟଫର୍ମ ନଂ.୧ରେ ଆୟୋଜିତ ସମାରୋହରେ କଣ୍ଟାବାଞ୍ଜି ଏନ.ଏ.ସି. ନଗରପାଳ ବରିୟାମ ସିଂ ସାଲୁଜା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ତହସିଲଦାର ଅମୃତଲାଲ ବେହେରା,ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଂପାଦକ ଲକ୍ଷ୍ମଣ ବାଗ, ଭାଜପା ବଲାଙ୍ଗୀର ଜିଲା ସଭାପତି ଶିବାଜୀ ମହାନ୍ତି, ପି.ଗୌରୁ ନାଇଡୁ, ଅନିଲ ଅଗ୍ରୱାଲ ମଞ୍ଚାସୀନ ଥିଲେ । କଣ୍ଟାବାଞ୍ଜି ଷ୍ଟେଶନ ଡି.ଟି.ଆଇ. ତାରାଚାନ୍ଦ ବାଗ ଧନ୍ୟବାଦ ଦେଇଥିଲେ ।

### ବୁଢୀପଦର ପଞ୍ଚାୟତରେ ଗ୍ରାମସଭା

ଲୋଇସିଂହା,୧୮।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁଢୀପଦର ପଞ୍ଚାୟତ କାର୍ଯ୍ୟାଳୟରେ ଲୋୟର ସୁକତେଲ ଜଳସେଚନ ବିଭାଗ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଗ୍ରାମସଭାରେ ସରପଞ୍ଚ ଲକ୍ଷ୍ମୀ ପଧାନ ଅଧକ୍ଷତା କରିଥିଲେ' ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଏସଡିଓ ସମୀର କୁମାର ମାଝି, ଯନ୍ତ୍ରୀ ଅର୍ଜୁନ ସେଠ, ଏଇ ପ୍ରଦୀପ୍ତ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବିଭାଗୀୟ ଏସଡିଓ ମାଝି ଲୋୟର ସୁକତେଲ ପ୍ରକଳ୍ପର ଅଗ୍ରଗତି ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ସୂଚନା ଦେଇଥିଲେ । ଆଗାମୀ ୨ରୁ ୩ ବର୍ଷ ମଧରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ସହ ଚାଷୀମାନେ ଉପକୃତ ହେବାକୁ ଯାଉଛନ୍ତି। ବୁଢୀପଦର ପଞ୍ଚାୟତ ଅଧୀନ ବୁଢୀପଦର ଗ୍ରାମର ୩୧୯ ଏକର ଜମି ଭୂତଳ ପାଇପ ଲାଇନ ମାଧମରେ ଜଳସେଚନ ହେବ ବୋଲି ଏସଡିଓ ମାଝି କହିଥିଲେ । ଏହି ଗ୍ରାମସଭାରେ ପିଇଓ ପ୍ରହ୍ଲାଦ ବେହେରା, ଯୁଧିଷ୍ଠିର ପଧାନ ସମେତ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ ।

### ସ୍ଥାୟୀ ଆରପିଏଫ ନିଯୁକ୍ତି ପାଇଁ ଦାବି

ଲାଠୋର,୧୮।୫(ଡି.ଏନ.ଏ.):ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ଏକ ସ୍ଥାୟୀ ଆରପିଏଫ(ରେଳ ପୋଲିସ ବଳ) ନିଯୁକ୍ତି ଦେବା ପାଇଁ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି କେହି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ରେଳ ଷ୍ଟେଶନ ଉପରେ ସମଗ୍ର ଖପ୍ରାଖୋଲ ବ୍ଲକ ସମେତ ବେଲପଡ଼ା ଓ କୋମନା ବ୍ଲକର କିଛି ଅଧିବାସୀ ନିର୍ଭର କରୁଛନ୍ତି। ହେଲେ ଏଠାରେ କୌଣସି ସ୍ଥାୟୀ ରେଳ ପୋଲିସ ବଳ ନିଯୁକ୍ତି ଦିଆଯାଇ ନାହିଁ। ଏଠାରୁ ବିଭିନ୍ନ ରାଜ୍ୟକୁ ପ୍ରତିଦିନ ରେଳ ଯୋଗେ ଜନସାଧାରଣ ଯାତାୟତ କରୁଛନ୍ତି। ପୋଲିସ ବଳର ଅଭାବ ହେତୁ ବିଶେଷ କରି ମହିଳା ଯାତ୍ରୀମାନେ ରାତିରେ ରେଳକୁ ଅପେକ୍ଷା କରିଥିବା ବେଳେ କିମ୍ବା ରେଳରୁ ଓହ୍ଲାଇଲେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। କୌଣସି ପ୍ରକାର ଅପ୍ରୀତିକର ଘଟଣା ଘଟିଲେ ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି। ସନ୍ଧ୍ୟା ହେଲା ମାତ୍ରେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଏହି ଷ୍ଟେଶନ। ଅପର ପକ୍ଷେ ବିଭିନ୍ନ ମାଲବାହୀ ରେଳ ଯିବା ଆସିବା ବେଳେ ଏଠାରେ ଅଟକି ରହୁଛି। ଫଳରେ ସେହି ରେଳରେ ଯାଉଥିବା ବିଭିନ୍ନ ସାମଗ୍ରୀ ଅସୁରକ୍ଷିତ ଭାବରେ ରହୁଛି। ବୁଧବାର ରାତିରେ ବିଶାଖାପାଟଣା ପଟରୁ ଏକ ତେଲ ବୋଝେଇ ଟ୍ରେନ ରାୟପୁର ପଟକୁ ଯାଉଥିବା ବେଳେ କୌଣସି କାରଣବଶତଃ ହରିଶଙ୍କର ରୋଡ଼ ରେଳଷ୍ଟେଶନରେ ରାତି ୯ ଟାରେ ଅଟକି ରହିଥିଲା। ଫଳରେ ଟ୍ରେନରେ ଯାଉଥିବା ତେଲକୁ କିଛି ଅସାମାଜିକ ଲୋକ ଚୋରି କରି ନେଇଥିବା ଚର୍ଚ୍ଚା ହେଉଛି। ଯଦି ରେଳରୁ ତେଲ ଚୋରି ହେଉଛି , ତେବେ ଅନ୍ୟାନ୍ୟ ସାମଗ୍ରୀ ଯାଉଥିବା ରେଳରୁ ମଧ ଚୋରି ହେଉଥିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ଏନେଇ କଣ୍ଟାବାଞ୍ଜି ଆରପିଏଫ ଇନ୍ସପେକ୍ଟର ରାମନ ବାବୁଙ୍କୁ ପଚାରିବାରେ ସମସ୍ୟାର ଅନୁଧାନ କରାଯିବା ପରେ ଉପରସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସୁରକ୍ଷା ଦୃଷ୍ଟିରୁ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ରେଳ ପୋଲିସ ବଳ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



ମହୋତ୍ସବରେ ଯୋଗ ଦେଇଥିବା ଅତିଥି ।



ଭୀମପାହାଡ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ।

**ନବମ ଭୀମପାହାଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ଦେଓଗାଁ,୧୮।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀରେ ୪ ଦିନ ଧରି ହେବାକୁ ଥିବା ନବମ ଭୀମପାହାଡ ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ଦିନ ଭୀମପାହାଡ ମହୋତ୍ସବ ପରିଚାଳନା କମିଟିର ଆବାହକ ଲକ୍ଷ୍ମଣ କୁମାର ମେହେରଙ୍କ ଆବାହକତ୍ୱ ତଥା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ପାରମ୍ପରିକ ଲୋକକଳା ଓ ସଂସ୍କୃତି ତଥା ଲୁକ୍କାୟିତ କଳାକୁ ଲୋକଲୋଚନକୁ ଆଣିବାରେ ଏହି ମହୋତ୍ସବ ଏକ ସ୍ୱତନ୍ତ୍ର ଭୂମିକା ତୁଲାଇଥିବା ବେଳେ ସମସ୍ତଙ୍କୁ ଏକତାର ବନ୍ଧନରେ ବାନ୍ଧି ପାରିଛି ବୋଲି କହିଥିଲେ । କୋଷାଧକ୍ଷ ଅଭିମନ୍ୟୁ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବନେତା ଶୈଳେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୌଦ୍ଧ ଜିଲା କଣ୍ଟାମାଳ ବନ୍ଧଘେରାର ଖଡଙ୍ଗ ମହୋତ୍ସବ କମିଟି, ଟିଟିଲାଗଡ କୁମୁଡା ପାହାଡ ସୁରକ୍ଷା ସମିତି ଓ ସଇଁନ୍ତଲା ମା' ଚଣ୍ଡେଶ୍ୱରୀ ଲୋକକଳା କମିଟିକୁ ଭୀମପାହାଡ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟହ ରବିନ୍ଦ୍ର କୁମାର ସାହୁ ଓ ସାଥୀଙ୍କ ଦ୍ୱାରା ରାବଣ ଦରବାର ହେଉଥିବା ବେଳେ ସାଂସ୍କୃତିକ ସଂଯୋଜକ ବାସୁଦେବ ସାଙ୍କ ପରିଚାଳନାରେ ଗୁରୁବାର ସନ୍ଧ୍ୟାରେ ପୁଇଁନ୍ତଲାର ଢୋଲମହୁରି କଳାପରିଷଦ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ବଲାଙ୍ଗୀର ଦୁଲଦୁଲି କଳା ପରିଷଦ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ନୂଆପଡାର ଝୁମେର ନୃତ୍ୟ, ଝାରଖଣ୍ଡ ଷଢ଼େଇକଳାର ଛଉ ନୃତ୍ୟ ଓ ପଶ୍ଚିମବଙ୍ଗ ପୁର୍ଲିଆର ଝୁମେର ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ମହୋତ୍ସବକୁ ପରିଚାଳନା କମିଟିର ସମସ୍ତ ସଦସ୍ୟ ବୃନ୍ଦ ସହଯୋଗ କରୁଛନ୍ତି।

### ଅର୍ପିତା ପ୍ରିୟଦର୍ଶିନୀ ବୌଦ୍ଧ ଜିଲା ଟପ୍ପର



ବୌଦ୍ଧ,୧୮।୫(ସ୍ୱ.ପ୍ର.)

ଓଡିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଅର୍ପିତା ପ୍ରିୟଦର୍ଶିନୀ ବୌଦ୍ଧ ଜିଲା ଟପ୍ପର ହୋଇଛନ୍ତି। ଜିଲାରେ ମୋଟ ୨୯୪୧ ଛାତ୍ର ଓ ୩୩୫୮ ଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରେ ଏ-୧ ଗ୍ରେଡରେ ୮, ଏ-୨ରେ୧୫୪, ବି-୧ରେ ୬୨୯, ବି-୨ରେ ୧୦୭୭, ସି ଗ୍ରେଡରେ ୧୪୬୭, ଡି ଗ୍ରେଡରେ ୧୭୧୦, ଇ ଗ୍ରେଡରେ ୧୨୫୪ ଜଣ ପାସ୍ କରିଥିବା ବେଳେ ୯୮ ଜଣ ଫେଲ୍ ହୋଇଛନ୍ତି। ଜିଲାର ପାସ୍ ହାର ୯୬.୭୬ ପ୍ରତିଶତ ହୋଇଛି। ଏ ୧ ଗ୍ରେଡରେ ୮ ଜଣ ପାସ୍ କରିଥିବାବେଳେ ସେଥିମଧ୍ୟରୁ ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦୁଇଜଣ ଛାତ୍ରୀ ରହିଛନ୍ତି। ସେମାନେ ହେଲେ ଅର୍ପିତା ପ୍ରିୟଦର୍ଶିନୀ ୫୫୮ ମାର୍କ ଓ ଅପର୍ଣ୍ଣା ମହାପାତ୍ର ୫୫୬ ମାର୍କ ପାଇଛନ୍ତି।

# ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ଦିନିକିଆ ବୌଦ୍ଧ ଗସ୍ତ

ବୌଦ୍ଧ,୧୮।୫(ସ୍ୱ.ପ୍ର.)

ପଶ୍ଚିମ ଓଡ଼ିଶା ବିକାଶ ପରଷଦ (ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ଗୁରୁବାର ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ପରିଷଦ ପାଣ୍ଠିରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ତ୍ରିପାଠୀ ହେଲିକପ୍ଟର ଯୋଗେ ଆସି ବୌଦ୍ଧ କଚେରି ଖେଳପଡିଆଠାରେ ପହଞ୍ଚିବା ପରେ ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ଆଦର୍ଶ କୃଷକ ବଜାର ପରିଦର୍ଶନ କରି ସେ ସେଠାରେ ମିଶନ ଶକ୍ତି କାଫେ ଓ ମିଲେଟ ଶକ୍ତି କାଫେ ପରିଚାଳନା କରୁଥିବା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଶହେ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ତିନିଶହ ଶଯ୍ୟା ବିଶିଷ୍ଟ ଆଧୁନିକ ଚିକିତ୍ସାଳୟ କାର୍ଯ୍ୟ ପରିଦର୍ଶନ କରି ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଯାହା ବି ସମସ୍ୟା ଅଛି ଜିଲା ପ୍ରଶାସନ ସହ ଆଲୋଚନା କରି ଧାର୍ଯ୍ୟ ସମୟ ୨୦୨୩ ଶେଷ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ବୌଦ୍ଧ ପୁରୁଣା ଜେଲ କୋଠା ମଧ୍ୟରେ ୨୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ କିଡ୍‌ନୀ ଡାଏଲିସିସ କେନ୍ଦ୍ର ସ୍ଥାପନ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୧କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିବାବେଳେ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ମାସକ ମଧ୍ୟରେ ଏହା କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମହାନଦୀ ବ୍ରିଜଛକ ନିକଟରେ ୬ କୋଟି ୩୭ ଲକ୍ଷ ଅନୁଦାନରେ ୭୫୦ ଆସନ ବିଶିଷ୍ଟ ନିର୍ମାଣାଧୀନ ପଶ୍ଚିମା ଭବନ କାର୍ଯ୍ୟ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲା ସଂଗ୍ରହାଳୟ ପାଇଁ ୧ କୋଟି ଟଙ୍କା ଅନୁଦାନ ଖର୍ଚ୍ଚ ହୋଇଥିବାବେଳେ ତାହାର ସମୀକ୍ଷା କରିଥିଲେ। ସେହିପରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପରିବେଶ ପାର୍କ, ବୀରନରସିଂହପୁର ପାଇଁ ୪ କୋଟି ଟଙ୍କାର ଅନୁଦାନ ଖର୍ଚ୍ଚର ସମୀକ୍ଷା କରିଥିଲେ। ଚାରିଛକଠାରେ ୫ କିଲୋ ଲିଟରର ପ୍ରସ୍ତାବିତ ଦୁଗ୍ଧ ଶୀତଳିକେନ୍ଦ୍ରର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ପରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ କୃଷି, ଉଦ୍ୟାନ, ମତ୍ସ୍ୟ, ପଶୁପାଳନ, ଗୋଷ୍ଠୀ ଉନ୍ନୟନ, ପାନୀୟଜଳ ଯୋଗାଣ, ଜଳସେଚନ, ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଉନ୍ନୟନ, ଟାଟା ପାୱାର, ମିଶନ ଶକ୍ତି ବିଭାଗର କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିଥିଲେ। କେବଳ ଧାନ ଚାଷ ନୁହେଁ ଉଦ୍ୟାନ କୃଷି, ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ନୂତନ ଭାବରେ ମିଶନ ଶକ୍ତିର ମହିଳା ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ଫିଟନେସ ସେଣ୍ଟରକୁ ଦେଖି ଅଧକ୍ଷ ତ୍ରିପାଠୀ ଖୁସି ବ୍ୟକ୍ତ କରିଥିଲେ। ବୈଠକରେ ଜିଲାପାଳ ସାହୁ ସ୍ୱାଗତ ଭାଷଣ ଓ ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଅଜିତ କୁମାର ମିଶ୍ର, ବୈଷୟିକ ପରାମର୍ଶଦାତା ସୁନୀଲ କୁମାର ନାୟକ, ସଦସ୍ୟ ସୁବୋଧ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର, ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର, ଉପନିର୍ଦ୍ଦେଶକ ଜିଲା ଯୋଜନା ଓ ସମନ୍ୱୟ ବିଭାଗ ଇମାନୁଏଲ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।



ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ ପ୍ରସ୍ତାବିତ କ୍ରିଟିକାଲ କିଡ୍‌ନୀ ଡାଏଲିସିସ କେନ୍ଦ୍ର ବୁଲି ଦେଖୁଛନ୍ତି।

### ବିଚ୍ଛୁପାଲି-ଝାରତରଭା ରେଳଲାଇନ୍ ଉଦ୍‌ଘାଟିତ

ବଲାଙ୍ଗୀର ଅଫିସ,୧୮।୫

ପୁରୀ-ହାଓଡା ବନ୍ଦେ ଭାରତ ରେଳ ଚଳାଚଳ ଶୁଭାରମ୍ଭ କାର୍ଯ୍ୟକ୍ରମ ଅବସରରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର-ଖୋର୍ଦ୍ଧା ରେଳପଥର ବଲାଙ୍ଗୀର ଜିଲା ବିଚ୍ଛୁପାଲି ଠାରୁ ଝାରତରଭା ନବନିର୍ମିତ ପ୍ରାୟ ୧୦ କିଲୋମିଟର ରେଳପଥକୁ ଆଭାସୀ କାର୍ଯ୍ୟକ୍ରମ ଜରିଆରେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଲାଙ୍ଗୀର ରେଳ ଜଙ୍କସନ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଏବଂ ସମ୍ବଲପୁର ଡିଆରଏମ୍ ବିନିତ ସିଂ ମଞ୍ଚାସୀନ ଥିଲେ। ସଭାରେ ଏମ୍‌ପି ସିଂଦେଓ ଭାଜପା ନେତୃତ୍ୱାଧୀନ ସରକାରର ରେଳବିକାଶ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ବଲାଙ୍ଗୀର ଜିଲାର କିଛି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଥିଲେ। ବଲାଙ୍ଗୀରରୁ ସିଧାସଳଖ ଦିଲ୍ଲୀ, ପ୍ରୟାଗରାଜକୁ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ଦାବି ଦୋହରାଇଥିଲେ। ରାଜ୍ୟସଭା ସାଂସଦ ବିଶି ବଲାଙ୍ଗୀର ଜିଲାର ରେଳ ବିକାଶରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କଥା କହି ବଲାଙ୍ଗୀର-ପାଟଣାଗଡ-ଖପ୍ରାଖୋଲ-ନୂଆପଡା ରେଳଲାଇନ୍ ଦାବି ଉପସ୍ଥାପନ କରି ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ କହିଥିଲେ। ଡିଆରଏମ୍ ସିଂ ତାଙ୍କ ବକ୍ତବ୍ୟରେ ସମସ୍ତ ରେଳପଥ, ରେଳଷ୍ଟେଶନର ଉନ୍ନତି ଦିଗରେ ହୋଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଠାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବନ୍ଦେ ଭାରତ ରେଳ ଉଦଘାଟନ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ସଭା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# ମାଟ୍ରିକ ପରୀକ୍ଷାରେ ଯଶବର୍ଦ୍ଧନ ଓ ଶୁଭଶ୍ରୀଙ୍କ କୃତିତ୍ୱ





ଯଶବର୍ଦ୍ଧନ ଏବଂ ଶୁଭଶ୍ରୀ।

ଟିଟିଲାଗଡ଼,୧୮।୫(ଡି.ଏନ.ଏ.)

ଗୁରୁବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତବର୍ଷ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ସଫଳତାର ସହ କୃତିତ୍ୱ ଅର୍ଜନ କରିଛନ୍ତି। ବିଦ୍ୟାଳୟର ଯଶବର୍ଦ୍ଧନ ମହାକୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦକ୍ଷିଣ ପଶ୍ଚିମ ସଂଭାଗରେ ପ୍ରଥମ ହୋଇଛନ୍ତି। ସେ ୫୭୯ ନମ୍ବର ରଖିଛନ୍ତି। ସଂସ୍କୃତରେ ସେ ଶହେରୁ ଶହେ ନମ୍ବର ରଖିଛନ୍ତି। ବାପା ଶିକ୍ଷକ ସତ୍ପେଶ୍ୱର ମହାକୁର ଏବଂ ଶକୁନ୍ତଳା ମହାକୁରଙ୍କ ପୁତ୍ର ଯଶବର୍ଦ୍ଧନ ଜଣେ ମେଧାବୀ ଛାତ୍ର। ତୃତୀୟ ଏବଂ ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷାରେ ଓ ନବମରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ସେ କୃତିତ୍ୱ ଅର୍ଜନ କରିଥିଲେ। ଭବିଷ୍ୟତରେ ନିଜ ଭଉଣୀ ରତ୍ନମ୍ବରାଙ୍କ ପରି ଡାକ୍ତରୀ ପାଠ ପଢିବେ ବୋଲି ସେ କହିଛନ୍ତି। ସେହିପରି ବିଦ୍ୟାଳୟର ଶୁଭଶ୍ରୀ ବୁଡେକ ମୋଟ ୫୭୨ ମାର୍କ ରଖି ବିଦ୍ୟାମନ୍ଦିରର ଦକ୍ଷିଣ ପଶ୍ଚିମ ସମ୍ଭାଗରେ ଦ୍ୱିତୀୟ ବିବେଚିତ ହୋଇଛନ୍ତି। ବାପା ପୀତବାସ ବୁଡେକ ଏବଂ ମୀରାଙ୍କ ଝିଅ ଶୁଭଶ୍ରୀ ତୃତୀୟ, ପଞ୍ଚମରେ ବୃତ୍ତି ଲାଭ ସହ ନବମ ଶ୍ରେଣୀରେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିଲେ। ଡାକ ବିଭାଗ ପକ୍ଷରୁ ଅନୁଷ୍ଠିତ ଆଜାଦୀ କା ଅମୃତ ମହୋତ୍ସବ ରଚନା ପ୍ରତିଯୋଗିତାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଗୀତା ପାଠ ପ୍ରତିଯୋଗିତାରେ ୨ୟ ସ୍ଥାନ ହାସଲ କରି ସେ ବୃତ୍ତି ଲାଭ କରିଥିଲେ। ସେହିପରି ବିଦ୍ୟାଳୟର ଗାୟତ୍ରୀ ରାଣୀ ସାହୁ ୫୬୦ ମାର୍କ (୯୩.୩୩ ପ୍ରତିଶତ), ସ୍ନେହାଶିଷ ସାହୁ ୫୫୮ ମାର୍କ(୯୩ ପ୍ରତିଶତ), ଇଶାନ୍ତ ରାୟ ୫୪୩ ମାର୍କ (୯୦.୫ ପ୍ରତିଶତ), ପଲ୍ଲବୀ ସା ୫୪୩ ମାର୍କ (୯୦.୫ ପ୍ରତିଶତ) ଲାଭ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି କୃତିତ୍ୱ ନେଇ ବିଦ୍ୟାମନ୍ଦିରର ସଭାପତି ଜ୍ୟୋତିପ୍ରକାଶ ଗଡତିଆ, ସମ୍ପାଦକ ଅନିରୁଦ୍ଧ ସାହୁ, ପୂର୍ବତନ ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ମିଳୁନି ଖିଅ, ପୋଲିସ ଚଳାଇଛି ତନାଘନା

ବଲାଙ୍ଗୀର ଅଫିସ, ୧୮।୫

**ବନ୍ଦ ଘରୁ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର ଘଟଣା**

ବଲାଙ୍ଗୀର ସହର ସାଲେପାଲିସ୍ଥିତ ଏକ ତାଲାବନ୍ଦ ଭଡା ଘର ଭିତରୁ କଳା ପଲିଥିନ ପ୍ୟାକିଂ ହୋଇଥିବା ରିଙ୍କୁ ମେହେର (୨୭)ଙ୍କ ଖଣ୍ଡ ବିଖଣ୍ଡିତ ଗଳିତ ମୃତଦେହକୁ ବୁଧବାର ଟାଉନ୍ ପୋଲିସ ଉଦ୍ଧାର କରିଥିଲା। ପ୍ରାଥମିକ ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ତେବେ ଏହି ଘଟଣା ଜଣାପଡିବାର ୨୪ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ହତ୍ୟାକାରୀଙ୍କ ସମ୍ପର୍କରେ କିଛି ବି ଟେର ପାଇନାହିଁ। ପୋଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଥିବା କହିଛି। ତେବେ ମୃତ ରିଙ୍କୁଙ୍କୁ ଟାଙ୍ଗିଆ ସହାୟତାରେ ୮/୯ ଖଣ୍ଡ କରି କଳା ପଲିଥିନ ପ୍ୟାକିଂ କରାଯାଇଥିବାରୁ ହତ୍ୟାକାରୀ କିଏ ଏବଂ କାହିଁକି ଏଭଳି ହତ୍ୟାକାଣ୍ଡ ଘଟାଇଛି ତାକୁ ନେଇ ପୋଲିସ ତନାଘନା ଚଲାଇଛି। ଘଟଣା ଜଣାପଡିବା ପରେ ମୃତ ଯୁବକଙ୍କ ମାତାପିତା, ଭାଇ କୌଣସି ସଦସ୍ୟ ଘରେ ନ ଥିବାରୁ ସମଗ୍ର ଘଟଣା ରହସ୍ୟ ଘେରରେ ରହିଛି। ଏହି ଘଟଣାର ପର୍ଦ୍ଦାଫାଶ କରିବା ପାଇଁ ଟାଉନ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଥିବା ଜଣାପଡିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯିବାରୁ ଦାହସଂସ୍କାର କରାଯାଇଥିବା ଜଣାପଡିଛି। ଏସଡିପିଓ ତୋଫାନ ବାଗଙ୍କୁ ଏନେଇ ପଚରାଯିବାରୁ ତଦନ୍ତ ଚାଲିଛି, ସବୁ ଦିଗକୁ ଅନୁଧ୍ୟାନ କରାଯାଉଛି। ଖୁବଶୀଘ୍ର ହତ୍ୟାକାରୀ ଧରାପଡିବେ ବୋଲି ସେ କହିଛନ୍ତି। ବୁଧବାର ସକାଳେ ବଲାଙ୍ଗୀର ସହର ସାଲେପାଲି ମଠ ଖାଇ ମନ୍ଦିର ଛକ ନିକଟରେ ଥିବା ଏକ ଘରୁ ଦୁର୍ଗନ୍ଧ ବାହାରୁଥିବା ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଉକ୍ତ ଘର ଖୋଲିବାରୁ ପଲିଥିନ ପ୍ୟାକିଂ ହୋଇଥିବା ରିଙ୍କୁ ମେହେରଙ୍କ ଗଳିତ ମୃତଦେହ ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ରିଙ୍କୁଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ ଉଦ୍ଦେଶ୍ୟରେ ମୃତଦେହ ଖଣ୍ଡ ବିଖଣ୍ଡିତ କରି ଜରିରେ ପ୍ୟାକିଂ କରିଥିବା ପୋଲିସ ଅନୁମାନ କରିଥିଲା। ଏଯାଏଁ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।

# ବିଭାଗୀୟ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା ବୈଠକ

ଦେଓଗାଁ,୧୮।୫(ଡି.ଏନ.ଏ.)



ଦେଓଗାଁ ବ୍ଲକରେ ପିଡିଙ୍କ ସମୀକ୍ଷା ବୈଠକ।

**ଦେଓଗାଁ ବ୍ଲକ**

- ଏମ୍‌ଜିଏନଆରଇଜିଏସ ଅବହେଳାକୁ ନେଇ ଅସନ୍ତୋଷ ବ୍ୟକ୍ତ କଲେ ପିଡି

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ୨୬ ପଞ୍ଚାୟତରେ ଏମଜିଏନଆରଇଜିଏସ ଅନ୍ତର୍ଗତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଥା ସମସ୍ତ ବିଭାଗୀୟ କାର୍ଯ୍ୟର ସମୀକ୍ଷା ବୈଠକ ଦେଓଗାଁ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ଦୟାନିଧି ଖମାରୀଙ୍କ ଅଧକ୍ଷତା ତଥା ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବଲାଙ୍ଗୀର ଡିଆରଡିଏ ପିଡି ସୁଶାନ୍ତ ସିଂ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମୀଣ ଆବାସ, ଏସଏଫସି, ସିଏଫସି ପାଣ୍ଠିର ବିନିଯୋଗ, ହରିଶ୍ଚନ୍ଦ୍ର ଯୋଜନା, ଭତ୍ତା, ଯୋଗାଣ ବିଭାଗ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ତଥା ଓବିସି, ଏସଇବିସି ସର୍ଭେର ଅଗ୍ରଗତି ଉପରେ ସମୀକ୍ଷା ହୋଇଥିଲା । ପରେ ବ୍ଲକର ସମସ୍ତ ୨୬ ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧମରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ବୈଠକରେ ଅନେକ ପଞ୍ଚାୟତରେ ଶ୍ରମିକ ନିୟୋଜିତ କରିବାରେ ନୈରାଶ୍ୟଜନକ ପ୍ରଦର୍ଶନ ନଜରକୁ ଆସିବାରୁ ପିଡି ସିଂ ବିରକ୍ତି ପ୍ରକାଶ କରିଥିଲେ। ଏଥିସହ ଏ ଦିଗରେ ତତ୍ପରତାର ସହ କାମ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ତାଗିଦ କରିଥିଲେ। ବ୍ଲକର ଅନେକ ପଞ୍ଚାୟତରେ ଆଦର୍ଶ ଗାଇ ଗୁହାଳ, ଡଗୱେଲ କାର୍ଯ୍ୟ ପଡି ରହିବା ଅଭିଯୋଗ ଆସୁଥିବା ନେଇ ଆଲୋଚନା ହୋଇଥିଲା। ଏହାସହ ଅଧାପନ୍ତରିଆ ଭାବେ ପଡି ରହିଥିବା ପ୍ରକଳ୍ପ ଗୁଡିକ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୃଦ୍ଧାବୃଦ୍ଧ ହିତାଧିକାରୀ ଯେଉଁମାନେ ଘରୁ ବାହାରକୁ ଆସି ପାରୁନହାନ୍ତି ସେମାନଙ୍କ ଘରକୁ ଯାଇ ଭତ୍ତା ଟଙ୍କା ଦେବା ପାଇଁ କହିଥିଲେ। ବୈଠକରେ ଏବିଡିଓ ପୁଷ୍ପାଞ୍ଜଳୀ ନାଏକ, ଦାୟିତ୍ୱରେ ଥିବା ଗ୍ରାମପଞ୍ଚାୟତ ଅଧିକାରୀ ବୀଣା ପଧାନ, ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସମସ୍ତ ଗ୍ରାମ ରୋଜଗାର ସେବକ ଉପସ୍ଥିତ ଥିଲେ।

# ବଳାତ୍କାର ଅଭିଯୁକ୍ତ ଭିମ୍‌ସାରରେ ଆଶ୍ରିତ ଅଭିଯୋଗ

ସମ୍ବଲପୁର,୧୮।୫(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳରେ ଜଣେ ବଳାତ୍କାର ଅଭିଯୁକ୍ତ ଅଧ୍ୟାପକ ସଞ୍ଜିତ ନାୟକ ବୁର୍ଲା ଭିମ୍‌ସାରରେ ଆଶ୍ରିତ ହୋଇଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି। କୁଚିଣ୍ଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବା ପାଇଁ ମେଡିକାଲ ଯାଞ୍ଚ କରୁଥିବା ବେଳେ ଅଧ୍ୟାପକ ନାୟକ ଅସୁସ୍ଥ ଅନୁଭବ କରିବାରୁ ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା। ଘଟଣାକୁ ପ୍ରାୟ ୬ଦିନ ବିତିଛି। ହେଲେ ଭିମ୍‌ସାର ଡାକ୍ତର ପୋଲିସକୁ ସୁସ୍ଥ କିମ୍ବା ଅସୁସ୍ଥ ନେଇ କୌଣସି ରିପୋର୍ଟ ଦେଉ ନ ଥିବା ଜଣାପଡିଛି। ଫଳରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିପାରୁ ନାହିଁ। ବଳାତ୍କାର ଭଳି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଉଚିତ ଚିକିତ୍ସାର ଆବଶ୍ୟକ ରହିଛି। ଯଦି ସେ ସୁସ୍ଥ କିମ୍ବା କୋର୍ଟ ଚାଲାଣ କରିବା ସ୍ଥିତିରେ ଅଛନ୍ତି ତା'ହେଲେ ଡିସ୍‌ଚାର୍ଜ କରିଦେବା ଉଚିତ ବୋଲି ମତପ୍ରକାଶ ପାଉଛି।

### ମେଡିକାଲ ଯାଞ୍ଚ ବେଳେ ରେଫର ହୋଇଥିଲେ

ଭିମ୍‌ସାରରେ ରାଜ୍ୟ ତଥା ରାଜ୍ୟ ବାହାର ଅନେକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ମେଡିକାଲରେ ବେଡ୍ ଅଭାବ ଓ ଅନ୍ୟାନ୍ୟ କାରଣରୁ ସେମାନଙ୍କୁ ଉଚିତ ଚିକିତ୍ସା ମିଳୁ ନ ଥିବା ଅଭିଯୋଗ ହୋଇଥାଏ । ହେଲେ ଜଣେ ଅଭିଯୁକ୍ତଙ୍କୁ କିଭଳି ଏତେଦିନ ରଖା ଯାଇଛି ତାହା ସନ୍ଦେହ ସୃଷ୍ଟି କରିଛି। ଅନ୍ୟପଟେ ହୃଦ୍‌ରୋଗ ବିଭାଗରେ ଚିକିତ୍ସିତ ହେଉଥିବା ଅଭିଯୁକ୍ତଙ୍କ ନାୟକଙ୍କ ସମ୍ପର୍କିୟ ଓ ତାଙ୍କ ଅଞ୍ଚଳର ଡାକ୍ତର ଥିବାରୁ ସୁରକ୍ଷା ଦେଉଛନ୍ତି ବୋଲି କୁଚିଣ୍ଡାରେ ଆଲୋଚନା ହେଉଛି। ଏ ସମ୍ପର୍କରେ ଭିମ୍‌ସାର ଅଧୀକ୍ଷକ ଲାଲ ମୋହନ ନାଏକ କହିଛନ୍ତି, ହୃଦ୍‌ରୋଗ କିମ୍ବା ଅନ୍ୟ ଯେ କୌଣସି ରୋଗ ହେଉ ଅଭିଯୁକ୍ତ ଓ ବିଚାରାଧୀନ କଏଦୀମାନଙ୍କୁ ଚିକିତ୍ସା କରାଯାଇଥାଏ । ସୁସ୍ଥ ହେବା ପରେ ପୁଣି ଡିସ୍‌ଚାର୍ଜ କରିଦିଆଯାଏ। ବଳାତ୍କାର ଭଳି ସମ୍ବେଦନଶୀଳ ଘଟଣାରେ ଅଭିଯୁକ୍ତଙ୍କୁ ଚିକିତ୍ସା କରାଯାଇ ଡିସ୍‌ଚାର୍ଜ କରିଦେବା ଉଚିତ। ରିପୋର୍ଟ କ'ଣ ହୋଇଛି ବିଭାଗୀୟ ମୁଖ୍ୟଙ୍କ ସହ ଆଲୋଚନା କରି ପରବର୍ତ୍ତି ପଦକ୍ଷେପ ଗ୍ରହଣ କରିବି ବୋଲି ସେ କହିଛନ୍ତି। ସେହିପରି କୁଚିଣ୍ଡା ଏସ୍‌ଡିପିଓ ରାଜକିଶୋର ମିଶ୍ର କହିଛନ୍ତି, କୋର୍ଟ ଚାଲାଣ କରିବା ପାଇଁ ଡାକ୍ତରୀମାଇନା କରିବାକୁ ଅଭିଯୁକ୍ତଙ୍କ ନାୟକଙ୍କୁ କୁଚିଣ୍ଡା ମେଡିକାଲ ନେଉଥିବା ସମୟରେ ସେ ଛାତିରେ ଯନ୍ତ୍ରଣା ହେଉଥିବା କହିଥିଲେ। ସେ ସମୟରେ ସ୍ଥାନୀୟ ଡାକ୍ତର ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ। ସେହିଦିନଠାରୁ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଅଭିଯୁକ୍ତଙ୍କ ଉପରେ ନଜର ରଖିଛି। ନିଶ୍ଚିତ ଭାବେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଜଣେ ଉଚ୍ଚଶିକ୍ଷିତା ଆଦିବାସୀ ଯୁବତୀଙ୍କ ସହ ସୋନପୁର ଜିଲା ବୀରମହାରାଜପୁର କଲେଜର ଅଧ୍ୟାପକ ତଥା କୁଚିଣ୍ଡା ନିବାସୀ ସଞ୍ଜିତ ନାୟକଙ୍କ ସମ୍ପର୍କ ଗଢିଉଠିଥିଲା। ଉଭୟଙ୍କ ଆପତ୍ତି ଜନକ ଫଟୋ ଓ ଭିଡିଓ ଭାଇରାଲ କରିବାକୁ ଅଭିଯୁକ୍ତ ନାୟକ ଧମକ ଦେଇଆସୁଥିଲେ। ଏପରି କି ଯୁବତୀଙ୍କ ବିବାହ ସ୍ଥିର ହୋଇଥିବାବେଳେ ସେ ଏହାକୁ ଭାଙ୍ଗଦେଇଥିଲେ। ଯୁବତୀ ଜଣଙ୍କ ଏ ନେଇ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ କୁଚିଣ୍ଡା ଥାନାରେ କେସ୍ ନଂ୯୫/୨୩ରେ ବଳାତ୍କାର ମାମଲା ରୁଜୁ ହୋଇଥିଲା।



ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ମନ୍ଦଲିଆ ଗ୍ରାମବାସୀଙ୍କୁ ସମଲେଇ ଯୋଜନାରେ ସାମିଲ କରି କ୍ଷତିପୂରଣ ଦେବାକୁ ଗୁରୁବାର ଅଞ୍ଚଳବାସୀ ଆରଡିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

## ସଂକ୍ଷେପରେ

### ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶତପ୍ରତିଶତ ପାସ୍

ପଡିଆବାହାଲ, ୧୮।୫(ଡି.ଏନ.ଏ.): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶତପ୍ରତିଶତ ପିଲା ପାସ୍ କରିଛନ୍ତି। ବି ୧ରେ ୨ ଜଣ ରହିଥିବାବେଳେ ବି ୨ରେ ୧୫ ଜଣ ରହିଛନ୍ତି। ସେହିପରି ପଧାନପାଲି ନୋଡାଲ ହାଇସ୍କୁଲରେ ୯୫.୧୨ ପ୍ରତିଶତ ପିଲା କୃତକାର୍ଯ୍ୟ ହୋଇଛନ୍ତି। ଏଠାରେ ବି ୧ରେ ୨ ଜଣ ଓ ବି ୨ରେ ୬ ଜଣ ପିଲା ରହିଛନ୍ତି। ଘେନୁପାଲି ପଞ୍ଚାୟତର ବଡ଼ସାହିର ହାଇସ୍କୁଲରେ ବି ୧ରେ ୨ଜଣ ଓ ବି ୨ରେ ୭ ଜଣ ପିଲା ପାସ୍ କରିଛନ୍ତି।

### ବି ଆର୍ ହାଇସ୍କୁଲର ଶତପ୍ରତିଶତ ସଫଳତା

ବେଲପାହାଡ, ୧୮।୫(ଡି.ଏନ.ଏ.): ବେଲପାହାଡ଼ସ୍ଥିତ ବି.ଆର୍ ହାଇସ୍କୁଲର ମାଟ୍ରିକ ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ଏହି ବିଦ୍ୟାଳୟର ୮୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ ୨ ଗ୍ରେଡରେ ୧୨, ବି ୧ରେ ୩୫, ବି ୨ରେ ୩୩, ସି ରେ ୫, ଡି ରେ ୨ ଓ ଇ ଗ୍ରେଡରେ ୨ ଜଣ ପାସ୍ କରିଛନ୍ତି। ଛାତ୍ରୀ ବାବୁଲି କୁମାରୀ ସିଂ ୮୮.୬୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ତେବେ ବିଦ୍ୟାଳୟର ମୋଟ ୮୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୦ ଜଣ ପ୍ରଥମ ଏବଂ ୯ଜଣ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି।

### ରାଏପାଲି ଅଞ୍ଚଳରେ ହାତୀ ଆତଙ୍କ

ଦେଓଗାଁ,୧୮।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ଅନ୍ତର୍ଗତ ରାଏପାଲି ଜଙ୍ଗଲରେ ଗୁରୁବାର ହାତୀପଲର ଉପସ୍ଥିତି ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳାଇଛି। ବର୍ତ୍ତମାନ ଗ୍ରୀଷ୍ମ ପ୍ରକୋପ ସାଙ୍ଗକୁ ଜମିଗୁଡିକ ଶୁଖିଲା ପଡିଥିବା ବେଳେ ଖାଦ୍ୟ ଅଭାବରୁ ୧୨ ଟିକିଆ ହାତୀପଲ ଆସିବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏହି ହାତୀପଲ ଖାଦ୍ୟ ଓ ପାଣି ଅନ୍ୱେଷଣରେ ଗାଁ ମୁହଁ ହେବା ଆଶଙ୍କା ରହିଥିବାରୁ ଏବେ ରାଏପାଲି, ଘୁଚିପାଲି ତଥା ଆଖପାଖ ଗାଁଗୁଡିକରେ ଲୋକେ ଭୟଭୀତ ଅବସ୍ଥାରେ ରହିଥିବା ସୂଚନା ମିଳିଛି।

### ସ୍ଥାୟୀ ଆର୍‌ପିଏଫ୍ ନିଯୁକ୍ତି ପାଇଁ ଦାବି

ଲାଠୋର,୧୮।୫(ଡି.ଏନ.ଏ.):ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ଏକ ସ୍ଥାୟୀ ଆରପିଏଫ(ରେଳ ପୋଲିସ ବଳ) ନିଯୁକ୍ତି ଦେବା ପାଇଁ ଦାବି ହୋଇ ଆସୁଥିଲେ ମଧ ଏଥିପ୍ରତି କେହି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ରେଳ ଷ୍ଟେଶନ ଉପରେ ସମଗ୍ର ଖପ୍ରାଖୋଲ ବ୍ଲକ ସମେତ ବେଲପଡ଼ା ଓ କୋମନା ବ୍ଲକର କିଛି ଅଧିବାସୀ ନିର୍ଭର କରୁଛନ୍ତି। ହେଲେ ଏଠାରେ କୌଣସି ସ୍ଥାୟୀ ରେଳ ପୋଲିସ ବଳ ନିଯୁକ୍ତି ଦିଆଯାଇ ନାହିଁ ଏଠାରୁ ବିଭିନ୍ନ ରାଜ୍ୟକୁ ପ୍ରତିଦିନ ରେଳ ଯୋଗେ ଜନସାଧାରଣ ଯାତାୟତ କରୁଛନ୍ତି। ପୋଲିସ ବଳର ଅଭାବ ହେତୁ ବିଶେଷ କରି ମହିଳା ଯାତ୍ରୀମାନେ ରାତିରେ ରେଳକୁ ଅପେକ୍ଷା କରିଥିବା ବେଳେ କିମ୍ବା ରେଳରୁ ଓହ୍ଲାଇଲେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। କୌଣସି ପ୍ରକାର ଅପ୍ରୀତିକର ଘଟଣା ଘଟିଲେ ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି। ସନ୍ଧ୍ୟା ହେଲା ମାତ୍ରେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଏହି ଷ୍ଟେଶନ। ଅପର ପକ୍ଷେ ବିଭିନ୍ନ ମାଲବାହୀ ରେଳ ଯିବା ଆସିବା ବେଳେ ଏଠାରେ ଅଟକି ରହୁଛି। ଫଳରେ ସେହି ରେଳରେ ଯାଉଥିବା ବିଭିନ୍ନ ସାମଗ୍ରୀ ଅସୁରକ୍ଷିତ ଭାବରେ ରହୁଛି। ବୁଧବାର ରାତିରେ ବିଶାଖାପାଟଣା ପଟରୁ ଏକ ତେଲ ବୋଝେଇ ଟ୍ରେନ ରାୟପୁର ପଟକୁ ଯାଉଥିବା ବେଳେ କୌଣସି କାରଣବଶତଃ ହରିଶଙ୍କର ରୋଡ଼ ରେଳଷ୍ଟେଶନରେ ରାତି ୯ ଟାରେ ଅଟକି ରହିଥିଲା। ଫଳରେ ଟ୍ରେନରେ ଯାଉଥିବା ତେଲକୁ କିଛି ଅସାମାଜିକ ଲୋକ ଚୋରି କରି ନେଇଥିବା ଚର୍ଚ୍ଚା ହେଉଛି। ଯଦି ରେଳରୁ ତେଲ ଚୋରି ହେଉଛି , ତେବେ ଅନ୍ୟାନ୍ୟ ସାମଗ୍ରୀ ଯାଉଥିବା ରେଳରୁ ମଧ ଚୋରି ହେଉଥିବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ଏନେଇ କଣ୍ଟାବାଞ୍ଜି ଆରପିଏଫ ଇନ୍ସପେକ୍ଟର ରାମନ ବାବୁଙ୍କୁ ପଚାରିବାରେ ସମସ୍ୟାର ଅନୁଧ୍ୟାନ କରାଯିବା ପରେ ଉପରସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସୁରକ୍ଷା ଦୃଷ୍ଟିରୁ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ରେଳ ପୋଲିସ ବଳ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

# ସମୀକ୍ଷା ପଟେଲ ଉପଖଣ୍ଡ ଟପ୍ପର


ସମୀକ୍ଷା ପଟେଲ


ଅନ୍ୱେଷ କୁମାର ପଟେଲ


ମେଘାରାଣୀ ଖର୍ସେଲ

କୁଚିଣ୍ଡା,୧୮।୫(ଡି.ଏନ.ଏ.)

ଚଳିତ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସମୀକ୍ଷା ପଟେଲ ସର୍ବାଧିକ ୫୬୬ (୯୪.୩୩%) ନମ୍ବର ରଖି କୁଚିଣ୍ଡା ଉପଖଣ୍ଡ ଟପ୍ପର ହୋଇଛନ୍ତି । ସେହିପରି ଏହି ବିଦ୍ୟାମନ୍ଦିରର ଅନ୍ୟତମ ଛାତ୍ର ଅନ୍ୱେଷ କୁମାର ପଟେଲ ୫୬୦ (୯୩.୩୩%) ନମ୍ବର ରଖି ଦ୍ୱିତୀୟ ଓ କୁଚିଣ୍ଡା ବ୍ଲକ ହାଡିପାଲି ପଞ୍ଚାୟତ କିଣ୍ଡିରା ଶ୍ରୀଅରବିନ୍ଦ ସ୍କୁଲ ଛାତ୍ରୀ ମେଘାରାଣୀ ଖର୍ସେଲ ୫୫୭ (୯୩%) ନମ୍ବର ରଖି ଉପଖଣ୍ଡର ତୃତୀୟ ଟପ୍ପର ହୋଇଛନ୍ତି। ସମୀକ୍ଷା ଡାକ୍ତର ହେବାପାଇଁ ଲକ୍ଷ୍ୟ ରଖିଥିବା ବେଳେ ଅନ୍ୱେଷ ଜଣେ ଇଞ୍ଜିନିୟର ଓ ମେଘାରାଣୀ ଡାକ୍ତର ହେବାର ସ୍ୱପ୍ନ ରଖିଛନ୍ତି। ଚଳିତ ମାଟ୍ରିକ ପରୀକ୍ଷାରେ କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୧୧ଜଣ, କିଣ୍ଡିରା ଶ୍ରୀଅରବିନ୍ଦ ସ୍କୁଲର ୬ଜଣ ଏବଂ ଅର୍ଡାବାହାଲ ଏସ୍‌ଏସ୍‌ଡି ବାଳିକା ହାଇସ୍କୁଲର ଜଣେ ଛାତ୍ରୀଙ୍କ ସମେତ ୧୮ଛାତ୍ରୀଛାତ୍ର ଏ ୧ ଗ୍ରେଡରେ ପାସ୍ କରିଛନ୍ତି।

# ଯୁବକଙ୍କୁ ହତ୍ୟା ଅଭିଯୋଗ

ସମ୍ବଲପୁର,୧୮।୫(ବ୍ୟୁରୋ)

### ୬ଦିନ ପରେ ଗାଡିଆରୁ ମୃତଦେହ ଜବତ

ସମ୍ବଲପୁର ଜିଲା ବୁର୍ଲା ଥାନା ଡୁଙ୍ଗୁରିପଡାର ଏକ ଗାଡିଆରୁ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଗୁରୁବାର ନିଖୋଜ ଯୁବକ ରାଜେଶ ଠାକୁରଙ୍କ ଗଳିତ ମୃତଦେହ ଜବତ କରିଛନ୍ତି। ପରିଚୟ ଲୁଚାଇବା ପାଇଁ ତାଙ୍କ ମୁହଁକୁ ପଥରରେ ଛେଚି ଦିଆଯାଇଛି। ପ୍ରାୟ ଏକସପ୍ତାହ ପୂର୍ବରୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ହତ୍ୟାକାଣ୍ଡ ପ୍ରେମ ବ୍ୟାପାରକୁନେଇ ହୋଇଥିବା ଆଲୋଚନା ହେଉଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ମିଳିଥିବା ରିପୋର୍ଟ ଅନୁସାରେ ବିହାରର ମୂଳ ବାସିନ୍ଦା ରାଜେଶ ବହୁବର୍ଷ ହେବ ସ୍ଥାନୀୟ ବିଆର୍ ଷ୍ଟିଲରେ କାମ କରୁଥିଲେ। ଗତ ୯ ତାରିଖଠାରୁ ସେ ନିଖୋଜ ହୋଇଯାଇଥିଲେ। ପରିବାର ବର୍ଗ ଯୋଗାଯୋଗ କରିବାରେ ବିଫଳ ହେବାରୁ ସମ୍ବଲପୁରରେ ଆସି ପହଞ୍ଚିଥିଲେ। ସେମାନେ ବୁର୍ଲା ଥାନାରେ ପ୍ରଥମେ ନିଖୋଜ ଓ ପରେ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ରାଜେଶଙ୍କ ଭାଇ ରାଜା ଠାକୁରଙ୍କ ଅଭିଯୋଗ କ୍ରମେ ପୋଲିସ ହତ୍ୟା ମାମଲା (ନଂ.୨୨୭/୨୩) ରୁଜୁ କରିଛି।

# ଭର୍ଚୁଆଲରେ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

ସମ୍ବଲପୁର,୧୮।୫(ବ୍ୟୁରୋ)

### ଟିଟିଲାଗଡ-ସମ୍ବଲପୁର, ବିଛୁପାଲି-ଝାରତରଭା ଲାଇନ

ବନ୍ଦେ ଭାରତ ଏକ୍ସପ୍ରେସ ସହ ବିଭିନ୍ନ ପ୍ରକଳ୍ପକୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ସମ୍ବଲପୁର ରେଳମଣ୍ଡଳର ଟିଟିଲାଗଡ–ସମ୍ବଲପୁର ଦୋହରୀକରଣ ଓ ବିଛୁପାଲି–ଝାରତରଭା ଲାଇନ ଲୋକାର୍ପଣ ହୋଇଛି। ଏହି ଅବସରରେ ସମ୍ବଲପୁର ମଣ୍ଡଳ ଅଧୀନ ପ୍ରାୟ ୧୭ ଗୋଟି ଷ୍ଟେଶନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ବିନୀତ ସିଂ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂ ଦେଓ, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ଏଡିଆର୍‌ଏମ୍ ଆନନ୍ଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହାଦ୍ୱାରା ରେଳ ଯାତ୍ରୀମାନଙ୍କୁ ସୁବିଧା ହେବ ବୋଲି ରେଳୱେ ପକ୍ଷରୁ ସୂଚନା ଦିଆଯାଇଛି ।



ସମ୍ବଲପୁର ଷ୍ଟେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ପି ଓ ଅନ୍ୟମାନେ।

# ସୁରକ୍ଷା ଉତ୍କର୍ଷ ପୁରସ୍କାର: ଶ୍ରେଷ୍ଠ ସ୍ଥାନରେ ଏମ୍‌ସିଏଲ୍

ସମ୍ବଲପୁର,୧୮।୫(ବ୍ୟୁରୋ)

କୋଇଲା ଇଣ୍ଡିଆ ଲିମିଟେଡର ସହାୟକ କମ୍ପାନୀ ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ସୁରକ୍ଷା ଉତ୍କର୍ଷତା ସକାଶେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି। ଆସନ୍ତା ୨୯ ତାରିଖରେ ନୂଆଦିଲ୍ଲୀଠାରେ ୨୧ତମ ବାର୍ଷିକ ଗ୍ରୀଣ୍ଟେକ୍ ସୁରକ୍ଷା ପୁରସ୍କାର ସମାରୋହ ୨୦୨୩ ଆୟୋଜିତ ହେବ। ଏହି ଉତ୍ସବରେ ଏମ୍‌ସିଏଲ୍‌କୁ ଉତ୍କର୍ଷତା ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଏହି ପୁରସ୍କାର ପାଇଁ ୧୮୭ କମ୍ପାନୀ ଭାଗ ନେଇଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍‌ପ୍ରକାଶ ସିଂ ଏହି ପୁରସ୍କାର ସକାଶେ ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଏକ ବଡ଼ ଭବିଷ୍ୟତ ପାଇଁ ସୁରକ୍ଷା ଏକ ଛୋଟ ବିନିଯୋଗ। ଦେଶର ସର୍ବୋଚ୍ଚ କୋଇଲା ଉତ୍ପାଦନ ଓ ଯୋଗାଣକାରୀ କମ୍ପାନୀ ଭାବେ ଏମ୍‌ସିଏଲ୍‌ର ସ୍ୱତନ୍ତ୍ରତା ରହିଛି। ଏହାର ସମସ୍ତ ଖଣିକାର୍ଯ୍ୟ ଓଡ଼ିଶାର ଅନୁଗୋଳ, ଝାରସୁଗୁଡ଼ା ଓ ସୁନ୍ଦରଗଡ ଜିଲାରେଚାଲିଛି।

# ବୁଢୀପଦର ପଞ୍ଚାୟତରେ ଗ୍ରାମସଭା

ଲୋଇସିଂହା,୧୮।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁଢୀପଦର ପଞ୍ଚାୟତ କାର୍ଯ୍ୟାଳୟରେ ଲୋୟର ସୁକତେଲ ଜଳସେଚନ ବିଭାଗ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଗ୍ରାମସଭାରେ ସରପଞ୍ଚ ଲକ୍ଷ୍ମୀ ପଧାନ ଅଧ୍ୟକ୍ଷତା କରିଥିଲେ` ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଏସଡିଓ ସମୀର କୁମାର ମାଝି, ଯନ୍ତ୍ରୀ ଅର୍ଜୁନ ସେଠ, ଏଇ ପ୍ରଦୀପ୍ତ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବିଭାଗୀୟ ଏସଡିଓ ମାଝି ଲୋୟର ସୁକତେଲ ପ୍ରକଳ୍ପର ଅଗ୍ରଗତି ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ସୂଚନା ଦେଇଥିଲେ । ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ସହ ଚାଷୀମାନେ ଉପକୃତ ହେବାକୁ ଯାଉଛନ୍ତି। ବୁଢୀପଦର ପଞ୍ଚାୟତ ଅଧୀନ ବୁଢୀପଦର ଗ୍ରାମର ୩୧୫ ଏକର ଜମି ଭୂତଳ ପାଇପ ଲାଇନ ମାଧ୍ୟମରେ ଜଳସେଚନ ହେବ ବୋଲି ଏସଡିଓ ମାଝି କହିଥିଲେ।

# ଅଭିଳାଷ ପଣ୍ଡା ଜିଲାରେ ଦ୍ୱିତୀୟ

ରେଢ଼ାଖୋଲ:୧୮।୫ (ଡି.ଏନ.ଏ.)


ଅଭିଳାଷ ପଣ୍ଡା

ରେଢ଼ାଖୋଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଅଭିଳାଷ ପଣ୍ଡା ଚଳିତ ମାଟ୍ରିକ ପରୀକ୍ଷାରେ ୯୪.୧୫% ମାର୍କ ରଖି ରେଢାଖୋଲ ଉପଖଣ୍ଡରେ ଟପ୍ପର ହୋଇଥିବା ବେଳେ ସମ୍ବଲପୁର ଜିଲାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଭିଳାଷ ସମୁଦାୟ ୫୬୫ ମାର୍କ ରଖିଛନ୍ତି। ଏହି ସଫଳତା ପାଇଁ ସେ ବିଦ୍ୟାଳୟର ଗୁରୁଜି ଗୁରୁମାଙ୍କ ସହ ତାଙ୍କ ମା', ବଡଭାଇଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ସେ ଜଣେ ସଫ୍ଟୱେର ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ସେହିପରି ରେଢ଼ାଖୋଲ ବ୍ଲକ ଅଧୀନ ଶ୍ରୀଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୭, ପଞ୍ଚାଖଣ୍ଡା ଉଚ୍ଚବିଦ୍ୟାଳୟ ବଡ଼ବାହାଲର ୩ଜଣ, ଆବାସିକ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ୨ଜଣ ଓ ଗୌରଚନ୍ଦ୍ର ଉଚ୍ଚବିଦ୍ୟାଳୟର ଜଣେ ଏପରି ମୋଟ ୧୩ ଜଣ ଏ ୧ରେ କୃତକାର୍ଯ୍ୟ ହୋଇଛନ୍ତି।

# ଆର୍ଟ ଅଫ୍ ଗିଭିଂ କୁଚିଣ୍ଡା ଶାଖାର ବାର୍ଷିକୋତ୍ସବ

କୁଚିଣ୍ଡା,୧୮।୫(ଡି.ଏନ.ଏ.)

ବିଶିଷ୍ଟ ସାମାଜିକ କର୍ମୀ ତଥା ଏମ୍‌ପି ଡ଼. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପରିଚାଳିତ ଆର୍ଟ ଅଫ ଗିଭିଂ କୁଚିଣ୍ଡା ଶାଖାର ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। କିସ ଓ କିଟ ଅନୁଷ୍ଠାନରେ ଅଧ୍ୟୟନ କରୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କ କୁଚିଣ୍ଡା ଅଭିଭାବକ ସଂଘ ଶାଖାର ସଭାପତି କ୍ଷିରୋଦ କିଷାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। କୁଚିଣ୍ଡା ବ୍ଲକର ଏବିଡିଓ ସହଦେବ ନନ୍ଦ ମୁଖ୍ୟଅତିଥି, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ କୁମାର ବେହେରା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଓ ସାମାଜିକ କର୍ମୀ ଅମିତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୁଚିଣ୍ଡା ଅଞ୍ଚଳରେ ଉତ୍ସର୍ଗୀକୃତ ସେବା ପାଇଁ ସଫେଇ କର୍ମଚାରୀ, ମେଡିକାଲର ଚତୁର୍ଥ ଶ୍ରେଣୀ କର୍ମଚାରୀ, ଅଙ୍ଗନୱାଡି କର୍ମୀ, ଗାଡ଼ିଚାଳକ ଓ ଆଶା କର୍ମୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହାକୁ ଅଭିଭାବକ ସଂଘ ସମ୍ପାଦକ ସ୍ୱପ୍ନେଶ୍ୱର ପ୍ରଧାନ ପରିଚାଳନା କରିଥିଲେ। ସାମାଜିକ କର୍ମୀ ବିଜୁ ସାହୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ଡ୍ରୋନ୍ ରଖିବ ନଜର, ଖରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ସମ୍ବଲପୁର,୧୮।୫ (ବ୍ୟୁରୋ)

ସମ୍ବଲପୁର ଜିଲାପରିଷଦ ସମ୍ମିଳନୀ କକ୍ଷରେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ବି. ଗଙ୍ଗାଧର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ସାଧାରଣ) ଅଜାମ୍ବର ମହାନ୍ତି, ସଦର ଉପଜିଲାପାଳ ପ୍ରଭାସ ଦନସେନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଏସ୍‌ପି ତପନ ମହାନ୍ତି, ଡେପୁଟି କମିଶନର ସମ୍ବଲପୁର ମହାନଗର ନିଗମ ଶଙ୍କର ସାହୁଙ୍କ ସମେତ ବିଭିନ୍ନ ଯାତ୍ରା କମିଟିର ସଦସ୍ୟ ଉପସ୍ଥିତ ଥିଲେ।

ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ବିବାହ ଉତ୍ସବ, ଶୋଭାଯାତ୍ରା, ମନ୍ଦିର ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଅଂଶୁଘାତ ରୋକିବା ଓ ପରବର୍ତ୍ତି ପଦକ୍ଷେପ ନେଇ ମଧ୍ୟ ଆଲୋଚନା ହୋଇଥିଲା। ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସମସ୍ୟାକୁ ଗୁରୁତ୍ୱ ଦିଆଯାଇଥିଲା। ଯେଭଳି ପାନୀୟ ଜଳ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରା କମିଟି କର୍ମକର୍ତ୍ତା, ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟଙ୍କୁ ପାନୀୟ ଜଳ, ସରବତ ଇତ୍ୟାଦି ଯୋଗାଇଦେବାକୁ କହିଥିଲେ। ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ଷ୍ଟ୍ରିଟ୍‌ଲାଇଟ ମରାମତି, ରାସ୍ତା ମରାମତି, ଡ୍ରେନ୍ ସଫେଇ ଆଦି ସାରିବାକୁ ଯାତ୍ରା କମିଟି ପକ୍ଷରୁ ଦାବି ହୋଇଥିଲା। ଯାତ୍ରା ପାଇଁ ଆସନ୍ତା ୨୩ ତାରିଖରୁ ମଦ ଦୋକାନ ବନ୍ଦ ରହିବ। ପୋଲିସ ଓ ଅବକାରୀ ବିଭାଗ ତରଫରୁ ନିଶାଦ୍ରବ୍ୟ ତଥା ଆପରାଧିକ କାର୍ଯ୍ୟକଳାପ ବନ୍ଦ ରଖିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚଢାଉ କରିବାକୁ ବିଭାଗୀୟ ଅଧିକାରୀ କହିଥିଲେ। ଶୀତଳଷଷ୍ଠୀ ପାଇଁ ଦୂରଦର୍ଶନ ଓ ଆକାଶବାଣୀ ପକ୍ଷରୁ ଲାଇଭ କାର୍ଯ୍ୟକ୍ରମ କରାଯିବ। ସମସ୍ତ କାର୍ଯ୍ୟକ୍ରମ ସିସି କ୍ୟାମେରା ଓ ଡ୍ରୋନ୍ ନଜରରେ ରହିବ, ଯାହାକି ସୁରକ୍ଷା ଦୃଷ୍ଟିରୁ ମଧ୍ୟ ସୁବିଧା ହେବ। ଯାତ୍ରା ଯେଭଳି ସୁରୁଖୁରୁରେ ଶେଷ ହେବ ସେଥିପାଇଁ ଜିଲାପାଳ ଯାତ୍ରା କମିଟି, ସ୍ୱେଚ୍ଛାସେବୀ, ଅଧିକାରୀ, କର୍ମଚାରୀଙ୍କ ସହଯୋଗ ଲୋଡିଥିଲେ।


ଶୀତଳଷଷ୍ଠୀ ଯାତ୍ରା ସମନ୍ୱୟ କମିଟି ବୈଠକ।

### ଶୀତଳ ଷଷ୍ଠୀ ଯାତ୍ରା ଦ୍ୱିତୀୟ ସମନ୍ୱୟ କମିଟି ବୈଠକ

